


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ବିଳମ୍ବେ ବାଧ୍ୟକାରସେ ମା ଫଳେଷୁ କଦାଚନ

ସାଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୦ • ସଂଖ୍ୟା–୩୩୩ • ୨ ଜାନୁଆରୀ ୨୦୨୪, ମଙ୍ଗଳବାର • ଭୁବନେଶ୍ୱର • Vol -30 • Issue-333 • 2nd January 2024, Tuesday • Bhubaneswar

Licensed to post without pre-payment of postage No- BN-60/22-24


# ବହୁପ୍ରତୀକ୍ଷିତ ଭୁବନେଶ୍ୱର-କଟକ ମେଟ୍ରୋ ରେଳପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୧**

**ନ୍ୟୁଜ୍ ବ୍ୟୁରୋ**

ପରିବହନ କ୍ଷେତ୍ରରେ ଆରମ୍ଭ ହେବ ନୂଆ ଯୁଗ । କମ ସମୟ କମ ଖର୍ଚ୍ଚରେ ସୁରକ୍ଷିତ ଯାତ୍ରା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱର ମେଟ୍ରୋ ରେଳର ପ୍ରଥମ ପର୍ଯ୍ୟାୟ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି।

ଏହି ଅବସରରେ ବାରଙ୍ଗ ରତାଗଡଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଦିନଟି ରାଜ୍ୟର ବିକାଶ ଇତିହାସରେ ଏକ ସ୍ୱତନ୍ତ୍ର ଦିବସ ହୋଇ ରହିବ। ପରିବହନ କ୍ଷେତ୍ରରେ ଆସିବ ବଡ ରୂପାନ୍ତର ।

ସେ କହିଥିଲେ ଯେ ମେଟ୍ରୋ ରେଳପାଇଁ ମୁଁ ଯେଉଁ ପ୍ରତିଶ୍ରୁତି ଦେଇଥିଲି, ତାହା ଆଜି ପାଳନ କରୁଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲକ୍ଷ୍ମୀ ଯୋଜନା ଗାଁରେ ରୂପାନ୍ତର ଆଣିଛି, ମେଟ୍ରୋ ରେଳ ଯୋଜନା ଏ ରୂପାନ୍ତରକୁ ଆହୁରି ଆଗକୁ ନେବ। ପୁରୁଣା ରାଜଧାନୀ କଟକ ସହିତ ନୂଆ ରାଜଧାନୀ ଭୁବନେଶ୍ୱରର ସମ୍ପର୍କକୁ ଆହୁରି ମଜଭୂତ କରିବ।

ବାଟରେ ଆସିବା ବେଳେ ସ୍ଥାନେସ୍ଥାନେ ଲୋକଙ୍କ ଉତ୍ସାହ ଓ ଉଦ୍ଦୀପନା ସମ୍ପର୍କରେ ପ୍ରକାଶକରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏଠାକୁ ଆସିବା ବେଳେ ରାସ୍ତାରେ ହଜାର ହଜାର ଲୋକଙ୍କ ଶୁଭେଚ୍ଛା ପାଇଲି । ସେମାନଙ୍କ ଆନନ୍ଦ ମୋତେ ମଧ ବହୁତ ଖୁସି ଦେଇଛି । ନୂଆ ବର୍ଷର ଏ ଖୁସି, ଏ ଆନନ୍ଦ, ସବୁ ଦିନ *(ପୃଷ୍ଠା ୭ରେ)*




# ଜାପାନରେ ଭୂକମ୍ପ ପରେ ସୁନାମୀ : ଅନ୍ଧାରରେ ୩୦ ହଜାର ଘର

## ପରମାଣୁ କେନ୍ଦ୍ର ପ୍ରତି ବିପଦ

**ଟୋକିଓ, ୧।୧**

ଯାହା ଆଶଙ୍କା କରାଯାଉଥିଲା ତାହା ସତ ହେଲା ବାରମ୍ବାର ପ୍ରାୟ ୨୧ ଥର ଭୂମିକମ୍ପରେ ଦୋହଲି ଉଠିଥିବା ଜାପାନରେ ଆସିଛି ସୁନାମୀ । ଏହାକୁ ନେଇ ଜାପାନ ଉପକୂଳରୁ ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ପ୍ରାୟ ୩୦ ହଜାର ଘର ଅନ୍ଧକାରରେ ରହିଛି।

ଜାପାନର ଏନଏଚକେ ଟିଭିର ରିପୋର୍ଟ ଅନୁସାରେ ଜାପାନର ଇସିକାୱାର ୱାଜିମା ଓ କାନାୱାଜା ସହର, ଟୋୟୋମା, କାନାୱାଜା ଆଦିରେ ସୁନାମୀର ପ୍ରଥମ ଲହର ପହଞ୍ଚିଛି। ଇସିକାୱାରେ ୧.୨ ମିଟରର ସୁନାମୀ ଆସିଛି। ଏହା ୫ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ସତର୍କତା ଜାରି କରାଯାଇଛି । ସେହିପରି ଟୟୋମାରେ ୮୦ ସେଣ୍ଟିମିଟରର ସୁନାମୀ ଲହର ଆସିଛି। ଏଠାରେ ମଧ ୩ ମିଟର ଉଚ୍ଚତାର ସୁନାମୀ ଆସିପାରେ ବୋଲି ସତର୍କତା ଜାରି କରାଯାଇଛି । କାନାୱାଜା ଓ ଓକୁସିରି ଦ୍ୱୀପରେ ୭୦ ସେଣ୍ଟିମିଟର ଉଚ୍ଚତାର ଲହର ଆସିଛି। କାସିୱାଜାକି ଓ ତବିସିମା ଉପକୂଳରେ ବି ସୁନାମୀ ଲହର ଆସିଥିବା ରିପୋର୍ଟ ଆସିଛି। ସୁନାମୀର ଲହରଗୁଡ଼ିକ ବାରମ୍ବାର ଆସିବ ଓ ବେଳକୁ ବେଳ ସେଗୁଡ଼ିକର ଉଚ୍ଚତା ବଢିପାରେ ବୋଲି ସତର୍କତା ଜାରି କରାଯାଇଛି।



ସୂଚନାଯୋଗ୍ୟ ଯେ ବର୍ଷର ପ୍ରଥମ ଦିନରେ ଜାପାନ ପ୍ରଳୟଙ୍କରୀ ଭୂମିକମ୍ପର ସମ୍ମୁଖୀନ ହୋଇଛି । କେନ୍ଦ୍ରୀୟ ଜାପାନର ଇସିକାୱାରେ ଏହି ୭.୬ ତୀବ୍ରତାର ଭୂମିକମ୍ପ ଆସିଛି । ଏହା ପରେ ବଡ଼ ସୁନାମୀ (ମେଜର ସୁନାମୀ) ସତର୍କତା ଜାରି କରାଯାଇଥିଲା। ୨୦୧୧ର ସୁନାମୀ ପରେ ପ୍ରଥମ ଥର ପାଇଁ ବଡ଼ ସୁନାମୀ ସତର୍କତା ଜାରି କରାଯାଇଛି।

ଭୂମିକମ୍ପର ତୁରନ୍ତ ପରେ ସୁନାମି ଆସିଥିଲା, ଯାହା ଫଳରେ ସହର ଭିତରକୁ ପାଣି ପଶିଯାଇଛି । ଏହି ଘଟଣା ପରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଲହରର ଉଚ୍ଚତା ୧.୩ ଫୁଟ ପର୍ଯ୍ୟନ୍ତ ରହିଛି। ଆଗାମୀ କିଛି ଘଣ୍ଟା ମଧ୍ୟରେ ଲହର ଅଧିକ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ସେପଟେ ଜାପାନରେ ଥିବା ଆଣବିକ ଶକ୍ତି କେନ୍ଦ୍ରର ସୁରକ୍ଷାକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି । ୨୦୧୧ ରେ ଭୂମିକମ୍ପ ପରେ ଫୁକୁସିମା ପରମାଣୁ ପ୍ଲାଣ୍ଟର କ୍ଷୟକ୍ଷତି ପରେ ବ୍ୟାପିଥିବା ବିକିରଣର ସ୍ମୃତି ଏବେ ବି ସତେଜ ରହିଛି । ଜାପାନରେ ପୁଣି ଥରେ ସମାନ ପରିସ୍ଥିତି ଉପୁଜିପାରେ ବୋଲି ଆଶଙ୍କା କରାଯାଉଛି। ତେବେ ଆଶ୍ୱସ୍ତିର କଥା ହେଉଛି ଏପର୍ଯ୍ୟନ୍ତ କୌଣସି ପରମାଣୁ ଶକ୍ତି କେନ୍ଦ୍ର କ୍ଷତିଗ୍ରସ୍ତ ହୋଇନଥିବା ଜାପାନ ସରକାର ସ୍ପଷ୍ଟ କରିଛନ୍ତି । ଜାପାନର ମୁଖ୍ୟ କ୍ୟାବିନେଟ ସେକ୍ରେଟାରି ହୟାସି ୟୋସିମାସା କହିଛନ୍ତି ଯେ ପରମାଣୁ ଶକ୍ତି କେନ୍ଦ୍ରଗୁଡ଼ିକ ସୁରକ୍ଷିତ ଅଛନ୍ତି।

ଟୋକିଓ ଇଲେକ୍ଟ୍ରିକ *(ପୃଷ୍ଠା ୭ରେ)*

## ରାଜ୍ୟରେ କୋଭିଡ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୨୦ରେ ପହଞ୍ଚିଲା



**ଭୁବନେଶ୍ୱର, ୧।୧**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଆଉ ୨ ଜଣ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।୨ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୨୦ରେ ପହଞ୍ଚିଛି। ଓଡ଼ିଶାରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, କୋଭିଡ ଟେଷ୍ଟିଂ ବଢିଛି। ସମସ୍ତେ ହୋମ ଆଇସୋଲେସନରେ *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ଜାନୁଆରୀ ୬ରୁ ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଅନ୍‌ଲାଇନ ପଞ୍ଜୀକରଣ

**ଭୁବନେଶ୍ୱର, ୧।୧**

**ନ୍ୟୁଜ୍ ବ୍ୟୁରୋ**

ଜାନୁଆରୀ ୬ରୁ ବିଏସକେୱାଇ ନବୀନ କାର୍ଡ ଲାଗି ଅନଲାଇନ ପଞ୍ଜୀକରଣ ଆରମ୍ଭ ହେଉଛି। ଜାନୁଆରୀ ୧୬ ତାରିଖ ଯାଏ ଖୋଲା ରହିବ ପୋର୍ଟାଲ । ଯେଉଁ ହିତାଧିକାରୀ ବିଏସକେୱାଇ କାର୍ଡ ପାଇନାହାନ୍ତି ସେମାନେ ନାମ ପଞ୍ଜୀକରଣ କରିପାରିବେ । ସରକାରୀ କର୍ମଚାରୀ, ସରକାରୀ ପେନସନ ଉପଭୋକ୍ତା ଓ କରଦାତାମାନେ ଏଥିଲାଗି ଉପଯୁକ୍ତ ବିବେଚିତ ହେବେ ନାହିଁ । ଅନଲାଇନ ପଞ୍ଜୀକରଣ ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ଆହ୍ୱାନ ଦିଆଯାଇଛି। ବର୍ତ୍ତମାନ ବିଏସକେୱାଇ ଅନ୍ତର୍ଭୁକ୍ତ ହୋଇ ନଥିବା ବ୍ୟକ୍ତିମାନେ ବିଏସକେୱାଇ ନବୀନ କାର୍ଡ ଲାଗି ଯୋଗ୍ୟ ବିବେଚିତ ହେବେ। ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ *(ପୃଷ୍ଠା ୭ରେ)*




### ବିଶ୍ୱ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ନେଇ ବଢିଲା ଚିନ୍ତା

# ନୂଆବର୍ଷରେ ଟପିଲା ୮୦୦ କୋଟି

**ୱାଶିଂଟନ, ୧।୧**

ଗତ ବର୍ଷକରେ ବିଶ୍ୱ ଜନସଂଖ୍ୟା ପ୍ରାୟ ୭.୫ କୋଟି ବୃଦ୍ଧି ପାଇଛି । ପ୍ରତି ସେକେଣ୍ଡରେ ୪.୩ ଶିଶୁ ଜନ୍ମ ହେଉଛନ୍ତି। ଅର୍ଥାତ ପ୍ରତି ମିନିଟରେ ୨୫୮ ଶିଶୁ ଜନ୍ମଗ୍ରହଣ କରୁଛନ୍ତି । ସେହିପରି ପ୍ରତି ସେକେଣ୍ଡରେ ୨ ଜଣ ଲୋକ ପ୍ରାଣ ହରାଉଛନ୍ତି । ଅର୍ଥାତ ମିନିଟରେ ୧୨୦ ଜଣଙ୍କ ମୃତ୍ୟୁ ହେଉଛି । ଆମେରିକା ସେନସସ ବ୍ୟୁରୋ ପକ୍ଷରୁ ଏହି ସୂଚନା ଦିଆଯାଇଛି । ନୂଆ ବର୍ଷ (ଜାନୁଆରୀ ୧)ରେ ବିଶ୍ୱ ଜନସଂଖ୍ୟା ୮୦୦ କୋଟି ପାର କରିଛି। ତେବେ ଏହା ପୂର୍ବରୁ ସେପ୍ଟେମ୍ବର ୨୬ରେ ବିଶ୍ୱ *(ପୃଷ୍ଠା ୭ରେ)*



## କୃଷ୍ଣ ଗହ୍ୱର ଅଧ୍ୟୟନ ଲାଗି 'ଏକ୍ସପୋସାଟ' ଉତ୍କ୍ଷେପଣ କଲା ଇସ୍ରୋ

**ଶ୍ରୀହରିକୋଟା, ୧।୧**

ନ୍ୟୁଟ୍ରନ ଷ୍ଟାର ବା ନଷ୍ଟ ହୋଇଯାଇଥିବା ତାରକା ଓ ତହିଁରୁ ସୃଷ୍ଟ କୃଷ୍ଣ ଗହ୍ୱର ବା ବ୍ଲାକ ହୋଲ ଉପରେ ଅଧ୍ୟୟନ କରିବା ଲାଗି ସୋମବାର ଇସ୍ରୋ ମହାକାଶକୁ ଏକ୍ସପୋସାଟ ଉତ୍କ୍ଷେପଣ କରିଛି।

ସୋମବାର ସକାଳ ୯.୧୦ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ



କେନ୍ଦ୍ରରୁ ପୋଲାର ସାଟେଲାଇଟ ଲଞ୍ଚ ଭେଇକିଲ୍ (ପିଏସ୍‌ଏଲ୍‌ଭି-ସି୫୮) ତାର ୬୦ତମ ଉତ୍କ୍ଷେପଣରେ ଏକ୍ସପାଟୋକୁ ନେଇ ମହାକାଶକୁ ଯାଇଥିବା କଥା ଇସ୍ରୋ କହିଛି।

ଏହି ଏକ୍ସପୋସାଟ (ଏକ୍ସ-ରେ ପୋଲାରିମିଟର ସାଟେଲାଇଟ୍) ହେଉଛି ପୋଲାରିମେଟ୍ରି। ଜଗତ ନିମନ୍ତେ ଭାରତର ପ୍ରାରମ୍ଭିକ ଅଭିଯାନ। ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଉଜ୍ଜ୍ୱଳ ମହାଜାଗତିକ ଏକ୍ସ-ରେ ଉତ୍ସର ବିଭିନ୍ନ ପ୍ରକ୍ରିୟା ଅଧ୍ୟୟନ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଏଥିରେ ନ୍ୟୁଟ୍ରନ ଷ୍ଟାର୍, ବ୍ଲାକ ହୋଲ ସମେତ ଅନ୍ୟାନ୍ୟ ଉଚ୍ଚ ଶକ୍ତିସମ୍ପନ୍ନ ପ୍ରକ୍ରିୟା ଅନୁଧ୍ୟାନ ଅନ୍ତର୍ଭୁକ୍ତ। ଏହାଦ୍ୱାରା ଏସବୁ ବିଷୟରେ ଆଗରୁ ଥିବା ପାରମ୍ପରିକ ଧାରଣାକୁ ବାଦ ଦେଇ ବୈଜ୍ଞାନିକମାନେ *(ପୃଷ୍ଠା ୭ରେ)*

# ପରମାଣୁ ପ୍ରତିଷ୍ଠାନର ତାଲିକା ବିନିମୟ କଲେ ଭାରତ-ପାକିସ୍ତାନ

**ନୂଆଦିଲ୍ଲୀ, ୧।୧**

ତିନି ଦଶନ୍ଧିରୁ ଅଧିକ ସମୟ ଧରି ଚାଲି ଆସିଥିବା ଏକ ଦ୍ୱିପାକ୍ଷିକ ଚୁକ୍ତି ଅନୁଯାୟୀ ଭାରତ ଏବଂ ପାକିସ୍ତାନ ସୋମବାର ସେମାନଙ୍କର ପରମାଣୁ ପ୍ରତିଷ୍ଠାନର ଏକ ତାଲିକା ଆଦାନ ପ୍ରଦାନ କରିଛନ୍ତି। ଯେଉଁଥିରେ ଉଭୟ ପକ୍ଷ ପରସ୍ପରର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିପାରିବେ ନାହିଁ। ଆଣବିକ ପ୍ରତିଷ୍ଠାନ ଏବଂ ପ୍ରତିଷ୍ଠାନ ଉପରେ ଆକ୍ରମଣ ନିଷେଧ ସଂକ୍ରାନ୍ତ ଏକ ଚୁକ୍ତିର ବ୍ୟବସ୍ଥା ଅନୁଯାୟୀ ଏହି ତାଲିକା ଆଦାନ ପ୍ରଦାନ କରାଯାଇଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି।



ନୂଆଦିଲ୍ଲୀ ଏବଂ ଇସଲାମାବାଦରେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଏହି ତାଲିକାର ଆଦାନ ପ୍ରଦାନ କରାଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ *(ପୃଷ୍ଠା ୭ରେ)*

# ଆଇଟି ହବ୍ ହେବ ରାଉରକେଲା, ଖର୍ଚ୍ଚ ହେବ ୨୫୦ କୋଟି

**ଭୁବନେଶ୍ୱର, ୧।୧**

**ନ୍ୟୁଜ୍ ବ୍ୟୁରୋ**

ସ୍ପୋର୍ଟସ ହବ୍ ପରେ ଆଇଟି ହବ୍ ହେବ ରାଉରକେଲା । ବେଙ୍ଗାଲୁରୁ ପରେ ପ୍ରମୁଖ ଆଇଟି ହବ୍ ପାଲଟିବ ଓଡ଼ିଶା । ରାଜ୍ୟ ସରକାରଙ୍କ ପକ୍ଷରୁ ଖର୍ଚ୍ଚ କରାଯିବ ୨୫୦ କୋଟି ଟଙ୍କା । ରାଉରକେଲା ସହରର ପାନ୍ଥନିବାସ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ହେବ ୧୧ ମହଲାର ଆଇଟି ଟାୱାର । ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିବା ସହ ଇଡକୋ ଜରିଆରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଓଡ଼ିଶାର ଉଚ୍ଚ ଶିକ୍ଷିତ ଟେକ୍ନିକାଲ ଛାତ୍ରଛାତ୍ରୀଙ୍କୁ ମିଳିବ ନିଯୁକ୍ତି ସୁଯୋଗ । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ମନ୍ତ୍ରୀ ଓ ଜିଲ୍ଲାବାସୀ।



ଆଇଟି ଟାୱାର ନିର୍ମାଣ ହେବାପରେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଷ୍ଠିତ କମ୍ପାନୀ ଜରିଆରେ ନିଯୁକ୍ତି ପାଇବେ ଛାତ୍ରଛାତ୍ରୀ। ପୂର୍ବରୁ ରାଜ୍ୟ ବାହାରକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟରେ ମିଳିବ ସୁଯୋଗ। ଓଡିଶା କ୍ରୀଡା ହବ୍ ପରେ ଆଇଟି ହବ୍ ହେବାକୁ ଯାଉଥିବାରୁ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡକ୍ଟର ଦିଲ୍ଲୀପ ତିର୍କୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ରାଉରକେଲାରେ ଆଇଟି ଟାୱାର ନିର୍ମାଣର ଆବଶ୍ୟକ ପୂର୍ଣ୍ଣାଙ୍ଗ ବିବରଣୀ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଇନ୍ଦୋରର ଏକ କନସଲଟାନ୍ସି କମ୍ପାନୀକୁ ନିୟୋଜିତ କରାଯାଇଛି।

## ଏକାଳ ସକାଳ



ବ୍ୟାନ୍‌ଫ୍ୟାନ୍ ଉଠିଗଲା ପରା
ନେତା ମାରୁଛନ୍ତି ଖୁସିଜମ୍ପ
ଶୃଙ୍ଖଳା ନଈରେ ଲାଗିଲା କି ସତେ
ଜଳସେଚନର ପମ୍ପ
ହେବେ ଫଁ ଫଁ ଯେହ୍ନେ ତମ୍ପ
ଆଗକୁ ପୁଣି ନିର୍ବାଚନ ତାତି
ଭରିବ ଦେହରେ କମ୍ପ।

# ରାଷ୍ଟ୍ରଫଳ–୨୦୨୪



ଉପସ୍ଥାପନା
ପଣ୍ଡିତ ଶ୍ରୀଚନ୍ଦ୍ରଶେଖର ନନ୍ଦ
(ପାଞ୍ଜିଗଣନାକାର)

**ବିଶ୍ୱ :** ଇଂରାଜୀ ନୂଆବର୍ଷର ସୂର୍ଯ୍ୟୋଦୟ କାଳରେ ଧନୁଲଗ୍ନ ଥିବା ସହିତ ରବି ଧନୁ ରାଶିରେ, ଚନ୍ଦ୍ର ସିଂହ ରାଶିରେ, ବୃହସ୍ପତି ମେଷ ରାଶିରେ, ଶନି କୁମ୍ଭ ରାଶିରେ, ରାହୁ ମୀନ ରାଶିରେ ଏବଂ କେତୁ କନ୍ୟା ରାଶିରେ ଅବସ୍ଥାନ କରିଅଛନ୍ତି। ମଇ ମାସରୁ ବୃହସ୍ପତି ବୃଷ ରାଶିକୁ ଯିବେ। ଏଣୁ ବିଶ୍ୱର ପରିସ୍ଥିତି ସାଂଘାତିକ ହେବା ସହିତ ବହୁ ପରିବର୍ତ୍ତନର ଆଶା। ରାଜନୈତିକ ବ୍ୟକ୍ତିମାନଙ୍କ ପାଇଁ ସମୟ ଭୟାବହ ହେବ। ପଶ୍ଚିମ ରାଷ୍ଟ୍ର ସହିତ ଆମେରିକା, ବ୍ରିଟେନ୍, ୟୁରୋପ, ଗ୍ରୀନ୍‌ଲ୍ୟାଣ୍ଡ ଆଦି ରାଷ୍ଟ୍ରରେ ଜିଦ୍‌ଖୋର ମନୋବୃତ୍ତି ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରାଇବ। ପୂର୍ବଗୋଲାର୍ଦ୍ଧରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବ। ରୁଷ, ଜାପାନ, ଚୀନ୍, ଜର୍ମାନୀ, ପୂର୍ବ ଭାରତ, ଅଷ୍ଟ୍ରେଲିଆ ଆଦି ଦେଶମାନଙ୍କରେ ଭୂକମ୍ପ, ବାତ୍ୟା, ଭୂସ୍ଖଳନରେ ଧନଜୀବନ ହାନି ଶକ୍ତିଶାଳୀ ରାଷ୍ଟ୍ର ଋଷ ଚୀନ, ଆମେରିକା, ଇରାକ୍, ବ୍ରିଟେନ୍ ଇତ୍ୟାଦି ରାଷ୍ଟ୍ରମାନଙ୍କରେ ଆତଙ୍କବାଦୀମାନଙ୍କ ପ୍ରାଦୁର୍ଭାବ ବଢିବ। ବହୁରାଷ୍ଟ୍ରରେ ଖାଦ୍ୟ ସଂକଟର ସମ୍ଭାବନା। ଆମେରିକା ଓ ଇଂଲଣ୍ଡ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହେବ। ପାକିସ୍ତାନ, ବ୍ରିଟେନ, ଜର୍ମାନୀ, ପୋଲାଣ୍ଡ, ଆମେରିକା, ହଲାଣ୍ଡ ଏବଂ ଭାରତ ଆଦି ରଷ୍ଟ୍ରମାନଙ୍କରେ ନାରୀ ନିର୍ଯାତନା ବୃଦ୍ଧି ପାଇବ। ବହୁ ରାଷ୍ଟ୍ର ନିଜ ନିଜର ଅସ୍ତ୍ରଶସ୍ତ୍ରର ପରୀକ୍ଷାନିରୀକ୍ଷା କରି ବିଶ୍ୱବିଦିତ ହେବାକୁ ଚେଷ୍ଟିତ ହେବେ। ବହୁ ଦେଶରେ ବ୍ୟୋମଦୁର୍ଘଟଣାରେ ବହୁତ କ୍ଷୟକ୍ଷତି ହେବାର ଆଶଙ୍କା। ବହୁ ଦେଶରେ ଖାଦ୍ୟର ଅଭାବ ସାଧାରଣ ଜନତାଙ୍କୁ ବିଦେଶଗାମୀ କରାଇବ। କେତେକ ଧନୀରାଷ୍ଟ୍ର ଆର୍ଥିକ ସହଯୋଗ ଆଳରେ ବିଭିନ୍ନ ରାଷ୍ଟ୍ରଙ୍କୁ ନିଜ ଅକ୍ତିଆରରେ ରଖିବା ପାଇଁ ଚେଷ୍ଟିତ ହେବେ। ବିଭିନ୍ନ ସ୍ଥାନରେ ଅରାଜକତା ଅନୁଭବ ହେବ।

**ଭାରତ :** ଚଳିତ ବର୍ଷ ଦେଶର ବହୁଅଞ୍ଚଳରେ ଧାର୍ମିକ ସାଂପ୍ରଦାୟିକତାବାଦ ସୃଷ୍ଟି ହେବାର ଆଶଙ୍କା । ଶାସକ ଦଳରେ ବହୁ ସମୟରେ ମନ୍ତ୍ରିମଣ୍ଡଳରେ ବିବାଦର ସୂତ୍ରପାତ *(ପୃଷ୍ଠା ୭ରେ)*

# ନୂଆବର୍ଷରେ ନୂଆ ନିୟମ: ମନ୍ଦିର ଭିତରକୁ ପାନ, ଗୁଟଖା, ପଲିଥିନ ଓ ପ୍ଲାଷ୍ଟିକ ନିଷେଧ

**ଭୁବନେଶ୍ୱର, ୧।୧**

**ନ୍ୟୁଜ୍ ବ୍ୟୁରୋ**

ନୂଆବର୍ଷରେ ଲିଙ୍ଗରାଜ ମନ୍ଦିରରେ ନୂଆ ନିୟମ । ଭକ୍ତ ହୁଅନ୍ତୁ ବା ସେବାୟତ ମନ୍ଦିର ପରିସରରେ ଖାଇ ପାରିବେନି ପାନ, ଗୁଟଖା। ମନ୍ଦିର ଭିତରକୁ ପଲିଥିନ ଓ ପ୍ଲାଷ୍ଟିକ ଗ୍ଲାସ ନେବା ନିଷେଧ । ଏସବୁ ନିୟମକୁ କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦେଇଛି ଲିଙ୍ଗରାଜ ମନ୍ଦିର ପ୍ରଶାସନ। ସେହିଭଳି ଲିଙ୍ଗରାଜଙ୍କ କୋଠ ଭୋଗ କେବଳ ଓମଫେଡ ଘିଅରେ ପ୍ରସ୍ତୁତ ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି । ନୂଆ ବର୍ଷ ଓ ସୋମବାର ଥିବାରୁ ମନ୍ଦିର ପ୍ରବଳ ଭିଡ ସତ୍ତ୍ୱେ ସାହାଣ ମେଲା ଦର୍ଶନ କରି ଶ୍ରଦ୍ଧାଳୁ ଖୁସି ଲାଭ କରିଥିଲେ। ସବୁଦିନ ଭଳି ସକାଳ ୫ ଟାରେ ମନ୍ଦିର ଖୋଲିବା ସହ ହୋଇଥିଲା ବାବାଙ୍କ ନିତିକାନ୍ତି ।



ଲିଙ୍ଗରାଜ ପରେ ରାମ ମନ୍ଦିରରେ ନୂଆ ବର୍ଷରେ ଦର୍ଶନ କରିବା ପାଇଁ ଲାଗିଥିଲା ଭିଡ। ବର୍ଷର ପ୍ରଥମ ଦିନରେ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କଲେ ପୂରା ବର୍ଷ ସୁଖ ଓ ଶାନ୍ତିରେ କଟିବ ବୋଲି ଆଶା ରଖିଥିଲେ ଶ୍ରଦ୍ଧାଳୁ । ତେଣୁ କିଏ ପରିବାର ସାଙ୍ଗରେ *(ପୃଷ୍ଠା ୭ରେ)*

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ ଜାନୁଆରୀ ୨୦୨୪ ମଙ୍ଗଳବାର





# ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀଙ୍କ "ଅମୃତ ଭାରତ" ଏକ୍ସପ୍ରେସ୍‌ର ଶୁଭାରମ୍ଭ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧ୍ୟା ଧାମ ରେଳ ଷ୍ଟେସନରୁ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ମାଲଦା ଟାଉନ୍- ବେଙ୍ଗାଲୁରୁ ଅମୃତ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଅମୃତ ଭାରତ ଏକ୍ସପ୍ରେସ୍‌ର ଓଡ଼ିଶା ମଧ୍ୟ ଦେଇ ଗଡ଼ିବ । ଏହି ପରିପ୍ରେକ୍ଷୀରେ ଅମୃତ ଭାରତ ଏକ୍ସପ୍ରେସ୍ ରବିବାର ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ବ୍ରହ୍ମପୁର ଠାରେ ପହଞ୍ଚିଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ନୂତନ ବର୍ଷର ଉପହାର ସ୍ୱରୂପ ଦେଇଥିବା ଏହି ଅମୃତ ଭାରତ ଏକ୍ସପ୍ରେସ୍‌କୁ ଭବ୍ୟ ସ୍ୱାଗତ ପାଇଁ ବିଜେପି କର୍ମକର୍ତ୍ତାମାନେ ବ୍ରହ୍ମପୁରରର ଆରାଧ୍ୟ ଦେବୀ ମାଁ ବୁଢ଼ୀ ଠାକୁରାଣୀଙ୍କ ଆଜ୍ଞାମାଳ ନେଇ ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ ପହଞ୍ଚିଥିବା ଅମୃତ ଭାରତ ଏକ୍ସପ୍ରେସ୍‌କୁ ପୂଜାର୍ଚ୍ଚନା କରିବା ସହ ମହିଳା ମୋର୍ଚ୍ଚାର ନାରୀ ନେତ୍ରୀମାନେ ବନ୍ଦାପନା କରିଥିଲେ । ପୁରୋହିତଙ୍କ ଦ୍ୱାରା ମନ୍ତ୍ର



ଉଚ୍ଚାରଣ ସହ ଆଳତି କରାଯାଇଥିଲା । ବିଜେପି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ନଡ଼ିଆ ଭଙ୍ଗାଯାଇ ଏହି ଅମୃତ ଭାରତ ଏକ୍ସପ୍ରେସ୍‌ର ବ୍ରହ୍ମପୁର ରେଳ ଷ୍ଟେସନ୍‌ରୁ ପ୍ରସ୍ଥାନ ପାଇଁ ଶୁଭାରମ୍ଭ କରାଯାଇଥିଲା । ବିଜେପି କାର୍ଯ୍ୟକର୍ତ୍ତାମାନେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଧନ୍ୟବାଦ୍ ଜଣାଇବା ସହ ବାଜା ବଜାଇ ରେଳ ଷ୍ଟେସନ୍‌ରେ ଥିବା ଯାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଜୟଗାନରେ ବ୍ରହ୍ମପୁର ରେଳ ଷ୍ଟେସନ୍ ପ୍ରକମ୍ପିତ ହେଉଥିବା ଦେଖିବାକୁ ମିଳିଥିଲା । ଏହି ଭବ୍ୟ ସ୍ୱାଗତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାନସଭା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଜିଲ୍ଲା ସଭାପତି ଡ଼ା. ସୁବାଷ ସାହୁ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ଉପସଭାପତି ତଥା ମିଡ଼ିଆ ପ୍ରଭାରୀ ସୁନୀଲ୍ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ତଥା କର୍ପୋରେଟର ପ୍ରଦୀପ ଶତପଥୀ, ସୁଶିଳା ମଲ୍ଲିକ, ବାଳକୃଷ୍ଣ ସାମନ୍ତରା, ଯୁବନେତା ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ ଦେବୀ, ବରିଷ୍ଠ ନେତ୍ରୀ ଏସ୍. ରାଣୀ, ନିବେଦିତା ପାଢ଼ୀ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ବରିଷ୍ଠ ନେତା ତଥା ରେଲ୍‌ୱେ କମିଟି ସଦସ୍ୟ ଡ଼ା. ଅମୂଲ୍ୟ ଚୌଧୁରୀ, ପୂର୍ବତନ ଜିଲ୍ଲା ଉପସଭାପତି ପ୍ରବୀର ପାତ୍ର, ଗୋସାଇଁ ନୂଆଗାଁ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଚୌଧୁରୀ, ଗାନ୍ଧୀନଗର ମଣ୍ଡଳ ସଭାପତି ପ୍ରଫୁଲ୍ଲ ପାଣିଗ୍ରାହୀ, ପୁରୁଣା ବ୍ରହ୍ମପୁର ମଣ୍ଡଳ ସଭାପତି କେ.ଟୁଙ୍ଗୁରୁ ପାତ୍ର, ଜି. ରାଜେନ୍ଦ୍ର ପ୍ରସାଦ, ପ୍ରଦୀପ ମିଶ୍ର, ଏସ୍ ଶ୍ରୀନିବାସ, ବାଙ୍କନିଧି ସେଠୀ, ସୁମନ ଶତପଥୀ, ଦେବୁନ୍ ପଟ୍ଟନାୟକ, ରବୀନ୍ଦ୍ର ସାହୁ, ଜଗନ୍ନାଥ ଜେନା, ମନୋଜ ମହାରଣା ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ମାମୁନି ଚରିତ୍ର ଦେଇଥିଲା ପରିଚୟ



କିଛିଦିନ ପୂର୍ବରୁ ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କ ବିମୁଖତା ଦେଖାଯାଉଥିଲା । ସମାନ ମୁହଁ ଦେଖି ଦେଖି ହୁଏତ ବୋର୍ ଲାଗୁଥିଲା ସେମାନଙ୍କୁ । ମାତ୍ର ଏବେ ଆଉ ସେ ପରିସ୍ଥିତି ନାହିଁ । କାରଣ ନବାଗତା ନାୟିକା ଏବଂ ନାୟକଙ୍କ ଆଗମନରେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ପୁଣି ଚଳଚଞ୍ଚଳ ହୋଇ ଉଠିଲାଣି । ଏମିତି ଜଣେ ନବାଗତା ନାୟିକା ସମର୍ପିତା ଦାଶ । ଅଭିନେତ୍ରୀ ସମର୍ପିତା ଦାଶଙ୍କ ପ୍ରଥମ ଚଳଚ୍ଚିତ୍ର 'ଏଇ ଆକାଶ ତଳେ' ନିକଟରେ ରିଲିଜ ହୋଇଯାଇଛି । ସ୍ମିତି ପଟ୍ଟନାୟକ ଚରିତ୍ରରେ ଅଭିନୟର ଯାଦୁ ଦେଖାଇଥିବା ସମର୍ପିତାଙ୍କୁ ନେଇ ଏବେ ଓଲିଉଡ୍ ଇଣ୍ଡଷ୍ଟ୍ରିରେ ଚାଲିଛି ଚର୍ଚ୍ଚା । ସମସ୍ତଙ୍କ ମୁହଁରେ ତାଙ୍କରି ପ୍ରଶଂସା । ଏହି ନବାଗତା ନାୟିକାଙ୍କ ଅଭିନୟ ଯାତ୍ରା ଆରମ୍ଭରୁ ହିଁ ରୋମାଞ୍ଚକର ରହିଛି ବୋଲି ଜଣାପଡୁଛି । ସୋସିଆଲ ମିଡିଆରେ ତାଙ୍କ ଭିଡିଓ ସିରିଜ୍‌ର ମାମୁନି ଚରିତ୍ର ହିଁ ଦେଇଥିଲା ତାଙ୍କୁ ପ୍ରଥମ ପରିଚୟ । ଏବେ ପ୍ରଥମ ପ୍ରବେଶରୁ ଚଳଚ୍ଚିତ୍ରରେ ଅଭିନେତ୍ରୀଙ୍କ ଭୂମିକା ଜଣେ ସଫଳ କଳାକାର ଭାବେ ଦର୍ଶକଙ୍କ ପାଖେ





ନିଆରା ପରିଚୟ ସେ ସୃଷ୍ଟି କରିଛନ୍ତି । ଜଣେ ମଞ୍ଚ ନାଟ୍ୟ କଳାକାର ଭାବେ ମଧ୍ୟ ସେ ବେଶ୍ ପରିଚିତ । ତାଙ୍କ ଅଭିନୀତ 'ସମୁଦ୍ରରେ ରାଜହଂସୀ' ନାଟକ ଦେଶର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇଛି । ସେହିପରି 'ଇନ୍ଦ୍ରଧନୁ' ଚଳଚ୍ଚିତ୍ର ମଧ୍ୟ ରିଲିଜ୍ ଅପେକ୍ଷାରେ ରହିଛି । ସେ କୁହନ୍ତି ଦର୍ଶକ ସମର୍ପିତାଙ୍କୁ ଯେତିକି ଜାଣିନାହାଁନ୍ତି ମାମୁନିକୁ ତାଠାରୁ ଅଧିକା ଜାଣିଛନ୍ତି । ମାମୁନି ଚରିତ୍ର ପାଇଁ ସେ ଆଜି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିପାରିଛନ୍ତି । ୨୦୨୦ରେ ସେ ଚଳଚ୍ଚିତ୍ର ପାଇଁ କାମ ଆରମ୍ଭ କରିଥିଲେ । ଚଳଚ୍ଚିତ୍ର ସେ ନାଟକ ମଧ୍ୟ କରନ୍ତି । ସେ କହନ୍ତି ଯେ ସିନେମା ଦେଖିଲା ବେଳେ ସେ ଭାବନ୍ତି ଜଣେ ଚରିତ୍ର କିଭଳି ଅଲଗା ଅଲଗା ଚରିତ୍ରରେ ଅଭିନୟ କରୁଛି । ଅଲଗା ଅଲଗା ଚରିତ୍ର ସହ ବଞ୍ଚିବାର ଅନୁଭୂତି



ତାଙ୍କୁ ଅଭିନୟ ପ୍ରତି ଆକର୍ଷିତ କରିଥିଲା । ନବ ବର୍ଷର ଶୁଭେଚ୍ଛା ଜଣାଇ ଆଗାମୀ ବର୍ଷରେ ତାଙ୍କଠାରୁ ଆହୁରି ଅନେକ ପ୍ରଭାବଶାଳୀ ଅଭିନୟ ଆଶା କରାଯାଉଛି ।

## ଟ୍ରେନ୍ ଧକ୍କାରେ ଅଜଣା ଯୁବକ ମୃତ

ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ

ବାରଙ୍ଗ ଥାନା ଅନ୍ତର୍ଗତ ଗୋଡିସାହି ଫାଣ୍ଡି ଅଧିନ ନେତଲ ଗ୍ରାମ ନିକଟରେ ଜଣେ ଅଜଣା ଯୁବକଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଛି । ସୂଚନା ମୁତାବକ ରବିବାର ଦିନ ସକାଳ ୧୧ ଘଟିକା ସମୟରେ ସ୍ଥାନୀୟ ଲୋକ ଶୌଚ ପାଇଁ ନିକଟସ୍ଥ ରେଳ ଧାରଣା କଡରେ ଥିବା କାଜୁ ଜଙ୍ଗଲକୁ ଯିବା ବେଳେ ରେଳ ମଝିରେ ଜଣେ ଅଜଣା ଯୁବକଙ୍କ ମୁଣ୍ଡ ବିହୀନ ଶରୀର ପଡିଥିବା ବେଳେ କିଛି ଦୂରରେ ଏହି ଅଜଣା ଯୁବକଙ୍କ ମୁଣ୍ଡଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ପଡି ରହିଛି । ଏହା ଦେଖି ନିକଟସ୍ଥ ସ୍ଥାନୀୟ ଲୋକମାନେ ଗୋଡିସାହି ଫାଣ୍ଡିକୁ ଖବର ଦେବା ସହିତ ରେଳବାଇ ଥାନାକୁ ସୂଚନା ଦେଇଥିଲେ । ମୃତ ଅଜଣା ଯୁବକ ଜଣକ ଭିତରେ ଧଳା ରଙ୍ଗର ଗଞ୍ଜି ପିନ୍ଧିବା ସହିତ ନୀଳ ରଙ୍ଗର ଫୁଲ ହାତ ଗଞ୍ଜି ଓ ଗାଢ଼ ନୀଳ ରଙ୍ଗର ଟ୍ରାକ୍ ଫୁଲପ୍ୟାଟ ପିନ୍ଧିଛନ୍ତି । ମୃତ୍ୟୁ ଖବର ପାଇ ବାରଙ୍ଗ ରେଳବାଇ ପୋଲିସ ଅଧିକାରୀ ପରମାନନ୍ଦ ବେହେରା ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ତିର୍ତ୍ତୋଲ ବ୍ଲକରେ ନୂଆ-ଓ, ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ତିର୍ତ୍ତୋଲ ବ୍ଲକ ପ୍ରଶାସନ ପକ୍ଷରୁ ମଣି ଚରଣ ସାରଳା ଏକାଡେମୀ ପରିସର ଓ ପାଳନ୍ଦା ଖେଳ ପଡିଆରେ ଚାଲିଥିବା ନୂଆ-ଓ, ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପନ ହୋଇଯାଇଛି । ଏହି ଉଦ୍‌ଯାପନ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ମନୋଜକୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପରିଷଦ ଉପା ଅଧ୍ୟକ୍ଷା ସୁଜାତା ମହାନ୍ତି, ବିଡିଓ ତପନ କୁମାର ସେନାପତି, ତହସିଲଦାର ସତ୍ୟଜିତ ମହାପାତ୍ର, ବ୍ଲକ ଉପା ଅଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲାପରିଷଦ ଗଙ୍ଗାଧର ବିଶ୍ୱାଳ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟଜିତ ସ୍ୱାଇଁ, ବ୍ଲକ ଶିକ୍ଷାଅଧିକାରୀ ଅକ୍ଷୟ କୁମାର ବେହେରା, ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ କାଜଲ କୁମାର ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ମହାପାତ୍ର, ପିଟି ଶିକ୍ଷକ ଭୁବନମୋହନ ଦାସ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ କ୍ରୀଡା ଓ ଜୀବନ ସହିତ କିଭଳି ଭାବେ ଅଙ୍ଗାଙ୍ଗୀ ଭାବେ ଜଡିତ ସେ ବିଷୟରେ ଆଲୋକପାତ କରିଥିଲେ । ଏହି



କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ସ୍ୱାଇଁ ପ୍ରଭୁ ଜଗନ୍ନାଥଙ୍କ ଭଜନ ଗାନ କରି ସମସ୍ତଙ୍କ ମନମୁଗ୍ଧ କରିଥିଲେ । ଏଥିରେ ଉପସ୍ଥିତ ଅତିଥିମାନେ ରାଜ୍ୟସରକାରଙ୍କ କ୍ରୀଡା ପ୍ରତି ନୂଆ ଓଡ଼ିଶା ଯୋଜନାରେ ଏକ ଅଭିନବ ପ୍ରୟାସକୁ ସାଧୁବାଦ ଓ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଜିଲ୍ଲାପରିଷଦ ଉପା ଅଧ୍ୟକ୍ଷା ଶ୍ରୀମତୀ ମହାପାତ୍ର ସସ୍ମିତା ନାଥ ଶର୍ମା ଖୋ ଖୋ ଖେଳରେ ସ୍ୱର୍ଣ୍ଣ ପଦକ ପାଇଥିବାରୁ ଆମ ପାଇଁ ତଥା ଆମ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଖୋ ଖୋ, କବାଡି, ଭଲି ବଲ, କ୍ରିକେଟ ଓ ଫୁଟ ବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । ଏହି ଖେଳରେ ମୋଟ ୧୬୫ ଟି ଦଳ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକର କାଜଲ କୁମାର ସାହୁ, ଅରବିନ୍ଦ ସ୍ୱାଇଁ, କାଜଲ କୁମାର ସାହୁ, ଜିପିଓ ବିଶ୍ୱଜିତ ମହାପାତ୍ର, ହିସାବରକ୍ଷକ କୃତିବାସ ସାହୁ, ବ୍ଲକ ବଡ଼ବାବୁ ପ୍ରଭାସ ରାଉତ, ସିପି ଚନ୍ଦ୍ରଶେଖର ସ୍ୱାଇଁ, ତୋଫାନ ଦାସ, ପ୍ରବୀର ଦାସ, ଅଜୟ ହାତୀଙ୍କ ସମେତ ପିଟି ଶିକ୍ଷକ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ । ଶେଷରେ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁଗ୍ମ ଅଭିଯୋଗ ଶୁଣାଣି:୩୯ ମାମଲା ପଞ୍ଜିକୃତ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୯ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୨ ଗୋଟି, ସାମୁହିକ ଦରଖାସ୍ତ ୦୭ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି । ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନିକା, ପ୍ରମୋଦ ଚନ୍ଦ୍ର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ



ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ଡ଼ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅଧିକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଉପ ଶ୍ରମ ନିର୍ଦ୍ଦେଶକ ଡିଲେଶ୍ୱର ଖାକା, ନିର୍ବାହୀ ଯନ୍ତ୍ରୀ ଟିପିଡବ୍ଲୁଓଡିଏଲ ଅଶୋକ କୁମାର ମିଶ୍ର, ନିର୍ବାହୀ ଯନ୍ତ୍ରୀ ପିଏଚଡି ଇଂ ଏକେ ମୂର୍ତ୍ତି, ଆଇଆଇସି ବିନିକା ସାରଙ୍ଗଧର ପାଣିଗ୍ରାହୀ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।



## ବିଆଇପିଏଫ ତରଫରୁ ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଇଙ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନ୍ ଆନୁକୁଲ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶଂକରପୁର ଠାରେ ଏକ ବହୁମୁଖୀ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଗ୍ରାମ କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ଶିବିରକୁ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ । ଇଙ୍ଫାର ଚିକିତ୍ସକ ଡା. ସବ୍ୟସାଚୀ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇଟେକ୍ ମେଡ଼ିକାଲର ସ୍ତ୍ରୀ ଓ ପ୍ରସୂତି, ଭେଷଜ, ଶିଶୁ, ଚର୍ମରୋଗ, ଅସ୍ଥିଶଲ୍ୟ ଆଦି ବିଭାଗର ବିଶେଷଜ୍ଞ ମାନେ ଯୋଗଦେଇ ମୋଟ ୪୨୬ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବିଆଇପିଏଫ ତରଫରୁ ରୋଗୀମାନଙ୍କୁ ଆବଶ୍ୟକୀୟ ଔଷଧ ପ୍ରଦାନ କରାଯାଇଥିଲା । ଶିବିରରେ ରୋଗୀ ମାନଙ୍କର ମଧୁମେହ ଓ ଇସିଜି ମଧ୍ୟ ପରୀକ୍ଷା କରାଯାଇଥିଲା । ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ଖଟୁଆ, ସମିତି ସଭ୍ୟ ସୁକାନ୍ତ ରାଉତ, ଇଙ୍ଫାର ମାନବ ସମ୍ବଳ ମୁଖ୍ୟ ଜି. ଶାରଦା ପ୍ରସାଦ ରାଓ, ଦେବାଶୀଷ ତ୍ରିପାଠୀ, ଉମେଶ ଚନ୍ଦ୍ର ପଟ୍ଟନାୟକ, ପି.କେ.ସାହୁ, ସଂଜୀବ ପୁରୋହିତ, ଆଶୀଷ ଦାସ, ଶୁଭଶ୍ରୀ ନାୟକ, ମନୋଜ ମହାପାତ୍ର, ଜ୍ଞାନରଞ୍ଜନ ବେହେରା, ନିର୍ଲିପ୍ତା ପଣ୍ଡା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ । ଇଙ୍ଫାର ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ଓ ମାନସ ରଞ୍ଜନ ପ୍ରଧାନ ଶିବିର ପରିଚାଳନା କରିଥିଲେ ।




## ସଂସ୍କୃତି ପୁରୁଷ ପ୍ରଶାନ୍ତ କାନୁନ୍‌ଗୋଙ୍କ ୮୩ ତମ ଜୟନ୍ତୀ ପାଳିତ

ମାହାଙ୍ଗା, ନ୍ୟୁଜ୍

ପ୍ରଖ୍ୟାତ ସାରସ୍ୱତ ସଂଗଠକ, ମାନବୀୟ ମୂଲ୍ୟବୋଧର ପ୍ରବକ୍ତା, ମାହାଙ୍ଗା ମାଟିର ସାଂସ୍କୃତିକ ସୂତ୍ରଧର, ପ୍ରଶାନ୍ତ କାନୁନ୍‌ଗୋଙ୍କ ୮୩ ତମ ରାଜ୍ୟ ସ୍ତରୀୟ ଜନ୍ମ ଜୟନ୍ତୀ କଟକ ଜିଲ୍ଲା ଓସଙ୍ଗ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପ୍ରଶାନ୍ତ କାନୁନଗୋ ସ୍ମୃତି ସଂସଦ ଏବଂ ମାହାଙ୍ଗା ସମ୍ପର୍କ ମଞ୍ଚର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ପ୍ରାକ୍ତନ କଟକ ଜିଲ୍ଲା ଚକବନ୍ଦୀ ଅଧିକାରୀ ତଥା ଗାଳ୍ପିକ ବିଶ୍ୱନାଥ ଖଟୁଆ ଅଧ୍ୟକ୍ଷତା କରିଥିଲେ । ସନ୍ଥ ଅରକ୍ଷିତ ଦାସଙ୍କ ସାଧନାପୀଠ ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାର ମହନ୍ତ ନାମାନନ୍ଦ ଦାସ ମହାରାଜ ଏହି ଜୟନ୍ତୀ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପେନ୍ଦ୍ର ନାଥ ବେହେରା ଯୋଗଦେଇ ପ୍ରଶାନ୍ତଙ୍କ କୀର୍ତ୍ତି ଓ କୃତୀର ମୂଲ୍ୟାୟନ କରିଥିଲେ । ମୁଖ୍ୟବକ୍ତା ଭାବେ ସ୍ୱାଭିମାନ ମାହାଙ୍ଗାର ଅଧ୍ୟକ୍ଷ ତଥା ଗାନ୍ଧୀ ସ୍ମାରକନିଧି ଓଡ଼ିଶାର ସମ୍ପାଦକ ସ୍ତମ୍ଭକାର ଜୟନ୍ତ କୁମାର ଦାସ ଯୋଗଦେଇ ପ୍ରଶାନ୍ତଙ୍କ ବିରଳ ବ୍ୟକ୍ତିତ୍ୱ ଚିର ଅମଳିନ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ସମ୍ମାନିତ ଅତିଥିଭାବେ ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ବିଶ୍ୱାଳ, ରାଜକିଶୋର ଜେନା ଏବଂ ବିକାଶ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ସାହିତ୍ୟ ପାଇଁ ନାଟ୍ୟକାର ଅଭୟ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେବା, କଳା, ସଂଗୀତ, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ବହୁ ସାହିତ୍ୟିକ, ସାମ୍ବାଦିକ, ଶିକ୍ଷାବିତ, ବୁଦ୍ଧିଜୀବୀ, ଏବଂ ବରିଷ୍ଠ ନାଗରିକ ମାନେ ଯୋଗଦେଇଥିଲେ । ଶେଷରେ 'ଶାନ୍ତ ପ୍ରଶାନ୍ତ' ଶୀର୍ଷକ ସ୍ମରଣିକାକୁ ଅତିଥି ମାନେ ଉନ୍ମୋଚନ କରିଥିଲେ ।

### ଜାନୁଆରୀ ୫ରୁ ଏମ୍‌ପିସି କଲେଜର ପ୍ଲାଟିନମ୍ ଜୁବୁଲି

## ୭୫ବର୍ଷର ଯାତ୍ରା ପଥରେ ପ୍ଲାଟିନମ୍ ଜୁବୁଲି ହେବ ଏକ ମାଇଲ ଖୁଣ୍ଟ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଐତିହ୍ୟ ସମ୍ପନ୍ନ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଅବସରରେ ଆଗାମୀ ଜାନୁଆରୀ ୫ରୁ ୭ତାରିଖ ତିନିଦିନ ବ୍ୟାପି ପ୍ଲାଟିନମ୍ ଜୁବୁଲି ମହୋତ୍ସବ ମହାସମାରୋହରେ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ଅମ୍ବିକା ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ଲାଟିନମ୍ ଜୁବୁଲି କମିଟି ଅଧ୍ୟକ୍ଷ ତଥା ସ୍କୁଲ ଗଣଶିକ୍ଷା ଓ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସହ ପ୍ଲାଟିନମ୍ ଜୁବୁଲି କମିଟି ମୁଖ୍ୟ ସଂଯୋଜକ ପ୍ରୀତିଶ ଚନ୍ଦ୍ର ବଶା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଆଲୁମିନି ଆସୋସିଏସନ ସଭାପତି ଡଃ ବିଜୟ କୁମାର ଅଗ୍ରୱାଲା, ପ୍ଲାଟିନମ୍ ଜୁବୁଲି କମିଟି ସମ୍ପାଦକ କଳିଙ୍ଗ କେଶରୀ ଜେନା, ଏମ୍‌ପିସି କଲେଜ ଅଧ୍ୟକ୍ଷ ପ୍ରତିନିଧି ରାଇମଣୀ ମାରାଣ୍ଡି ଓ ଆଲୁମିନି ସମ୍ପାଦକ ବିପ୍ଲବ ବୁଗୁଡେଇ ପ୍ରମୁଖ ଯୋଗଦେଇ ପ୍ଲାଟିନମ୍ ଜୁବୁଲିର




କାର୍ଯ୍ୟକ୍ରମ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ୧୯୪୮ ମସିହାରେ ବାରିପଦା ସହରର ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କ୍ଷୁଦ୍ର ପରିସରରେ ଜନ୍ମଲାଭ କରିଥିବା ଉକ୍ତ ମହାବିଦ୍ୟାଳୟ ଆଜି ଓଡ଼ିଶାର ଏକ ଅଗ୍ରଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପ୍ରାପ୍ତ ହୋଇ ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରିଥିବା ବେଳେ ଦୀର୍ଘ ୭୫ ବର୍ଷର ଯାତ୍ରା ପଥରେ ଏହି ପ୍ଲାଟିନମ୍ ଜୁବୁଲି ଏକ ମାଇଲ ଖୁଣ୍ଟ ହୋଇ ରହିବ । ଉକ୍ତ ଉତ୍ସବରେ ଭାରତର ରାଷ୍ଟ୍ରପତି, ଶିକ୍ଷାମନ୍ତ୍ରୀ, ଜଳଶକ୍ତି, ଆଦିବାସୀ ବ୍ୟାପାର ମନ୍ତ୍ରୀ ଏବଂ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ଅତିଥି ହେବା ପାଇଁ ନିମନ୍ତ୍ରଣ କରାଯାଇଛି । ପ୍ଲାଟିନମ୍ ଜୁବୁଲି ସମାରୋହ ଉପଲକ୍ଷେ ବିଗତ ଏକ ମାସ ହେଲା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଧର୍ମ ଦର୍ଶନ ଓ ସାହିତ୍ୟ, ସଂସ୍କୃତି ଆଧାରିତ ବିଷୟବସ୍ତୁ ଉପରେ ଦେଶ ତଥା ବିଦେଶର ପ୍ରବୀଣ ଶିକ୍ଷାବିତ, ବିଶେଷଜ୍ଞ, ଗବେଷକ ଓ ବୈଜ୍ଞାନିକ ମାନେ ଆଭାସି ମାଧ୍ୟମରେ ଶିକ୍ଷାଦାନ ଓ ଆଲୋଚନା ଜାରି ରଖିଛନ୍ତି । ପ୍ଲାଟିନମ୍ ଜୁବୁଲି ଉତ୍ସବର ଅବ୍ୟବହିତ ପୂର୍ବରୁ ବାରିପଦା ସହିଦ ସ୍ମୃତି ଭବନରେ ଜାନୁଆରୀ ୨ ତାରିଖ ନାଟ୍ୟକାର ଚିନ୍ମୟ ଦାସ ପଟ୍ଟନାୟକଙ୍କ ରଚନା ଓ ନିର୍ଦ୍ଦେଶନାରେ ଆମେ ବି ମଣିଷ, ୩ ତାରିଖରେ ନାଟ୍ୟକାର ସ୍ୱର୍ଗତ ଡଃ ପଞ୍ଚାନନ ପାତ୍ରଙ୍କ ଲିଖିତ ଓ ନିର୍ଦ୍ଦେଶକ ଅନ୍ନଦା ଶଙ୍କର ଦାଶଙ୍କ ନିର୍ଦ୍ଦେଶନାରେ ହେ ରାତ୍ରି ପ୍ରଣାମ ଏବଂ ୪ ତାରିଖରେ ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ବିଜୟ ମହାନ୍ତିଙ୍କ ରଚିତ ଏବଂ ନାଟ୍ୟକାର ନିର୍ଦ୍ଦେଶକ ଧୀର ବସା ଓ ସନ୍ତୋଷ ମହାନ୍ତିଙ୍କ ନିର୍ଦ୍ଦେଶନାରେ ମଧ୍ୟାହ୍ନର ରଙ୍ଗ ନାଟକ ବର୍ତ୍ତମାନ ଅଧ୍ୟୟନରତ ଓ ପୁରାତନ ଛାତ୍ର ତଥା କଳାକାର ଓ ସିନେ ତାରକାମାନଙ୍କ ଦ୍ୱାରା ଅଭିନୀତ ହେବ । ଜାନୁଆରୀ ୫ରେ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ନିର୍ମିତ ଅସ୍ଥାୟୀ ସୁସଜ୍ଜିତ ମଞ୍ଚରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ । ଉକ୍ତ ସଭାରେ ମୁଖପତ୍ର ରତ୍ନଗର୍ଭା ଉନ୍ମୋଚିତ ହେବ । ଜାନୁଆରୀ ୬ରେ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଷୟ ବିଶେଷଜ୍ଞମାନଙ୍କ ଦ୍ୱାରା ଓଡ଼ିଶାର ସଙ୍ଗୀତ ନାଟକ ଓ ଚଳଚ୍ଚିତ୍ର ଜଗତକୁ ମୟୂରଭଞ୍ଜର ଦାନ ଏବଂ ୨୦୫୦ ମସିହା ସୁଦ୍ଧା ମୟୂରଭଞ୍ଜକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ଉଚିତ୍ ପଦକ୍ଷେପ ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଜାନୁଆରୀ ୭ରେ ବାରିପଦା ରାଜବାଟୀ ଠାରେ ୧୯୪୮ ମସିହାରୁ ୨୦୨୩ ମସିହା ପର୍ଯ୍ୟନ୍ତ ପୁରାତନ ଛାତ୍ରଛାତ୍ରୀ ମାନେ ପୂର୍ବାହ୍ନରେ ଛଉପଡିଆରୁ ଶୋଭାଯାତ୍ରାରେ ବାହାରି ବାରିପଦା ସହର ପରିକ୍ରମା କରି ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚିବେ ଏବଂ ରାଜବାଟିକୁ ପ୍ରତ୍ୟାବର୍ତ୍ତନ କରିବେ । ରାଜବାଟିରେ ଦିନତମାମ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ପ୍ଲାଟିନମ୍ ଜୁବୁଲି ମହୋତ୍ସବର ପରିସମାପ୍ତି ଘଟିବ ବୋଲି ଜଣାଯାଇଛି । ଏହି ପ୍ଲାଟିନମ୍ ଜୁବୁଲି ସହିତ ଅଧିକରୁ ଅଧିକ ଏମ୍‌ପିସି କଲେଜର ପୁରାତନ ଆଲୁମିନି ମାନେ ଜଡିତ ହୋଇ ନିଜର ନାମ ରେଜିଷ୍ଟ୍ରି କରିବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିବା ବେଳେ, କମିଟିର କୋଷାଧ୍ୟକ୍ଷ ପୂର୍ଣ୍ଣେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

| | | |
|---|---|---|
| ୭ / ୬ | ୫ବୃ | ରା୪ / ଶୁ୩ |
| ୮ | ୧୧ / ୫ | ୨ |
| ୯ଚ / ୧୦କେ | ୧୧ | ର୧ମଙ୍ଗଳ / ବୁ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨।୧।୨୦୨୪, ପୌଷ ଦି୧୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୬।୨୧।୫୧ ଚନ୍ଦ୍ରୋଦୟ- ରାଘ୧୦।୪୩।୫୭**

ଷଷ୍ଠୀ- ସଂଘ ୫।୧୧ ପର୍ଯ୍ୟନ୍ତ । ପୂର୍ବା ଫାଲ୍ଗୁନି ଦିଘ ୧୧।୪୨ ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର - ସଂଘ ୬।୨୮ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି -** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । ସଂଘ ୬।୨୮ ଗତେ ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । ସଂଘ ୬।୨୮ ଗତେ ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ସଂଘ ୫।୧୧ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୫ ଗତେ ଘ ୭।୦୯ ମଧ୍ୟେ ଦିଘ ୯।୦୮ ଗତେ ଘ ୧୧।୨୮ ମଧ୍ୟେ ।

**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରିବେ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।

**ବୃଷ:** କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତା ଆପଣଙ୍କର ସାହାଯ୍ୟ ଲୋଡ଼ିବେ । ବାଦବିବାଦ ଜଟିଳ ହେଲେ ମଧ୍ୟ ସଫଳତା ମିଳିବ । ପୁରାତନ ବନ୍ଧୁ ଦର୍ଶନ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଶାନ୍ତି ଅବ୍ୟାହତ ରହିବ ।

**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ କରବାର କ୍ଷମତା ଆସିବ । ଭାଗ୍ୟବାନ ହେବେ । ବ୍ୟବସାୟରେ ସମସ୍ୟାର ସମାଧାନ ହେବ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ଘରେ ଆନନ୍ଦ ଉଲ୍ଲାସ ଲାଗି ରହିବ ।

**କର୍କଟ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ଅପଦସ୍ଥ ହେବେ । ଦୟାଳୁ ହେବେ । ରାଜନୀତି କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରି ପ୍ରଶଂସିତ ହେବେ । ରୋଜଗାର ମଧ୍ୟମ ହେବ । ଗୃହରେ ସାମାନ୍ୟ ଦ୍ୱନ୍ଦ୍ୱ ।

**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ଶୁଭ । ଅପରାହ୍ନେ ଶୁଭ ଖବର ମିଳିବ । ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅପଦସ୍ଥ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାରରେ ଉନ୍ନତି ହେବ ।

**କନ୍ୟା:** ଯାନବାହାନ କ୍ରୟ କରିବେ । ଶ୍ରେଷ୍ଠ ସମ୍ମାନର ଅଧିକାରୀ ହେବେ । ପରର ଉପକାର କରିବେ । ବ୍ୟୟ ଅପେକ୍ଷା ଆୟ ବଢ଼ିବ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ୍ୟ ରହୁଛି ।

**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ପ୍ରସନ୍ନତା ଲାଭ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ । ଆଜିର ଯାତ୍ରାରେ ସଫଳତା ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।

**ବିଛା:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ତଥାପି ଆଜି ଦିନଟା ଜଗିରଖି ଚଳିବେ । ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ । ବିଜୟୀ ହେବେ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ଶୁଭ ଖବର ପ୍ରାପ୍ତ ହେବ ।

**ଧନୁ:** ଯାତ୍ରା ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ଦାୟିତ୍ୱହୀନତା ଅଭାବରୁ ଅସୁବିଧାର ସମ୍ମୁଖୀନ ହେବେ । ଆୟର ପରିମାଣ ବଢ଼ିବ । ପରିବାରରେ ଶାନ୍ତି ବଜାୟ ରହିବ । ଦୟାଳୁ ହେବେ ।

**ମକର:** ଶତ୍ରୁମାନେ ପରାଜିତ ହେବେ । ଦେହ ଓ ମନ ଭଲ ରହିବ । ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ସମସ୍ୟା ଲାଗି ରହିବ । ଶିକ୍ଷାରେ ଶୁଭଫଳ ମିଳିବ । ମହିଳାମାନେ ଗର୍ବୀ ହେବେ ।

**କୁମ୍ଭ:** ଅନେକ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ ହେବ । ଶାରୀରିକ ଅସୁସ୍ଥତା ଦେଖାଦେବ । ମନ ଅସ୍ଥିର ରହିବ । ରୋଜଗାରର ପରିମାଣ ବଢ଼ିବ । ଗୃହେ ଶାନ୍ତି ଲାଭ ହେବାର ସୂଚନା ।

**ମୀନ:** କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ । ଅପରାହ୍ନେ ଟେନ୍ସନ୍ ଟିକେ ବଢ଼ିଯିବ । ଆଜିର ଯାତ୍ରାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ । କାର୍ଯ୍ୟ ହାସଲ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।




## ଲୁଗା ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ:୬ ଗିରଫ, ୧୦ ଫେରାର୍

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ସହରର ଜନ ଗହଳି ପୂର୍ଣ୍ଣ ଅଞ୍ଚଳ ବଡହାଟ ଠାରେ ଥିବା ଶାଢୀ ସଂସାର ଦୋକାନରେ ଶନିବାର ରାତି ୧୦ଟା ସମୟରେ ସଂଘବଦ୍ଧ ଭାବେ ପ୍ରାୟ ୧୫ଜଣ ଯୁବକ ଦୋକାନ ଭିତରେ ପଶି ଦୋକାନୀକୁ ମାଡ ମାରିବା ସହିତ ଦୋକାନ ସାମଗ୍ରୀ ଭାଙ୍ଗି ଦେଇଥିବା ସହରରେ ଚର୍ଚ୍ଚାର ବିଷୟ ହୋଇଥିଲା । ଏନେଇ ଦୋକାନୀ ମାଲିକ ଖାଦିମ ବକ୍ସଙ୍କ ଏତଲା କ୍ରମେ ଟାଉନ ଥାନା ଅଧିକାରୀ ଦିଲୀପ କୁମାର ସାହୁ ୩୦୫/୨୩ ରେ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ସିସି ଟିଭି କ୍ୟାମେରା ଏବଂ ସ୍ଥାନୀୟ ଦୋକାନୀ ମାନଙ୍କୁ ପଚରାଉଚରା ଆଧାରରେ ୬ଜଣ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ପ୍ରାୟ ୧୦ ଜଣ ଯୁବକ ଫେରାର୍ ଥିବା ଜଣାପଡିଛି । ଗତ ୪/୫ ଦିନ ତଳେ ଏକ ଘଟଣାର ପୂର୍ବ ଶତ୍ରୁତାକୁ ନେଇ ଏହି ଯୁବକ ମାନେ ଆକ୍ରମଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ । ତେବେ ଦୋକାନୀଙ୍କ ମୁଣ୍ଡରେ ଗଭୀର ଆହତ ହୋଇଥିଲା । ସ୍ଥାନୀୟ ବ୍ୟବସାୟ ପ୍ରତିଷ୍ଠାନ ସଂଘ ତରଫରୁ ଟାଉନ ଥାନାରେ ପହଞ୍ଚି ତୁରନ୍ତ ଏହି ଆକ୍ରମଣକାରୀଙ୍କୁ ଗିରଫ କରିବା ପାଇଁ ଦାବି ଜଣାଇଥିଲେ । ତେବେ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୬ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଯୁବକମାନେ ଫେରାର୍ ଥିବା ଜଣାପଡିଛି ।

ପ୍ରଭାତୀୟ
29 YEARS
ସମ୍ବାଦ କଳିକା

# ଖାତା ବନ୍ଦ ପାଇଁ ଧନୀଙ୍କୁ କହିଲେ ବିଦେଶୀ ବ୍ୟାଙ୍କ

ଧନୀ ଭାରତୀୟମାନଙ୍କ ଲାଗି ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ବହୁ ବଡ଼ ବଡ଼ ବିଦେଶୀ ବ୍ୟାଙ୍କ ସେମାନଙ୍କ ଧନୀ ଗ୍ରାହକମାନଙ୍କୁ ଖାତା ବନ୍ଦ କରିବା ଲାଗି କହିଛନ୍ତି। ବ୍ରିଟେନ୍ର ଦୁଇଟି, ଗୋଟିଏ ସ୍ୱିସ୍ ବ୍ୟାଙ୍କ ଓ ୟୁଏଇର ଏକ ବ୍ୟାଙ୍କ ଭାରତୀୟଙ୍କୁ ଖାତା ବନ୍ଦ କରିବାକୁ କହିଛନ୍ତି। ବିଦେଶରେ ବ୍ୟାଙ୍କ ଖାତା ଖୋଲିଥିବା ଭାରତୀୟମାନେ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି।

ବିଦେଶ ବ୍ୟାଙ୍କ ଖାତାରେ ପାଣ୍ଠିକୁ ପକାଇ ରଖିବା ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ କଟକଣା ଜାରି କରିବା ପରେ ଧନୀମାନେ ଅଡୁଆରେ ପଡ଼ିଛନ୍ତି। ଏହି ଲୋକମାନେ ରିଜର୍ଭ ବ୍ୟାଙ୍କର ଉଦାର ରେମିଟାନ୍ସ ସ୍କିମ୍ ଅଧୀନରେ ବିଦେଶକୁ ପାଣ୍ଠି ପଠାଇଥିଲେ। ଏହି ସ୍କିମ୍ରେ ଷ୍ଟକ୍, ସମ୍ପତ୍ତି ଓ ସମ୍ପର୍କୀୟଙ୍କ ପାଇଁ ୨,୫୦,୦୦୦ ଡଲାର ପର୍ଯ୍ୟନ୍ତ ନିବେଶ ଲାଗି ଅନୁମତି ଦିଆଯାଇଛି। କିଛି ବଡ଼ ବିଦେଶୀ ବ୍ୟାଙ୍କ ସର୍ବନିମ୍ନ ଖାତା ବାଲାନ୍ସକୁ ୧ ନିୟୁତ ଡଲାରରୁ ଅଧିକ କରିଛନ୍ତି। ଯେଉଁ ଗ୍ରାହକମାନେ ଷ୍ଟକ୍ କିମ୍ବା ତାଲିକାଭୁକ୍ତ ଡେବ୍ଟ ଉପକରଣରେ ନିବେଶ କରିବାକୁ ଅନିଚ୍ଛୁକ ସେମାନଙ୍କୁ ସେବା ପ୍ରଦାନ କରିବା ଲାଗି ବ୍ୟାଙ୍କଗୁଡ଼ିକ ଚାହୁନାହାନ୍ତି।

ଆୟ ବଢ଼ାଇବା ଲାଗି ସଂଘର୍ଷ କରୁଥିବା ବିଦେଶୀ ବ୍ୟାଙ୍କଗୁଡ଼ିକ ନୂଆ ଖାତା ଲାଗି ସର୍ବନିମ୍ନ ବାଲାନ୍ସ ବୃଦ୍ଧିକୁ ଏକ ମାଧ୍ୟମ ଭାବେ ବ୍ୟବହାର କରୁଛନ୍ତି। ସେଥିପାଇଁ ବହୁ ଖାତା ବନ୍ଦ ହୋଇଛି। ରିଜର୍ଭ ବ୍ୟାଙ୍କର ନୂଆ ନିୟମ ଅନୁସାରେ ବିଦେଶରେ ଥିବା ବ୍ୟାଙ୍କ ଖାତାରେ ପାଣ୍ଠି ୧୮୦ରୁ ଅଧିକ ଦିନ ପଡ଼ିରହିଲେ ତାହାକୁ ଫେରାଇ ଆଣିବା ଲାଗି କୁହାଯାଇଛି। ଏହା ଜଣାପଡ଼ିବା ପରେ ପାଣ୍ଠିକୁ ବ୍ୟବହାର କରୁନଥିବା ଭାରତୀୟ ଗ୍ରାହକମାନଙ୍କୁ ନିବେଶ କରିବା ଲାଗି ସିଙ୍ଗାପୁରର ଏକ ବ୍ୟାଙ୍କ ପରାମର୍ଶ ଦେଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମର ଲୀଳା ଦୁନିଆଁ
**ଭଗବାନ**

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ତ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ତ ସମର୍ପିସ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହୃଦ୍ୱେ ରଖି
ଦେଉଛି ଆହେ ନନ୍ଦବସି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# PSLV-C58 XPoSat ମିଶନ୍



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର–୭
ମୋ : ୭୦୦୮୩୧୯୭୭୪

ପୂର୍ବରୁ ଆମେ ଆମେରିକାର ଜାତୀୟ ଉଦ୍ୟାନ ସମ୍ପର୍କରେ ଚର୍ଚ୍ଚା କରୁଥିଲୁ। ମାତ୍ର କାଲି ଭାରତବର୍ଷରେ ଅନ୍ତରୀକ୍ଷ ଅନୁସନ୍ଧାନ ରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା। ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ ଯାହାର ଇଂରାଜୀ ନାମ Indian Space Research Organization, ନୂଆ ବର୍ଷର ପ୍ରଥମ ଦିନ (୦୧.୦୧ ୨୦୨୪) ରେ PSPV-C58ର XPoSat ଏବଂ ଅନ୍ୟ ୧୦ ଟି ପେଲୋଡ୍ କୁ ସଫଳତାର ସହ ପ୍ରକ୍ଷେପଣ କରିଥିଲା । ତେଣୁ ଏ ବିଷୟର ଗୁରୁତ୍ୱ ଦୃଷ୍ଟିରୁ ଆଜି ଆମେ ଏ ବିଷୟରେ କିଛି ଆଲୋଚନା କରିବା।

XPoSat ହେଉଛି ଭାରତର ପ୍ରଥମ ଉତ୍ସର୍ଗୀକୃତ ବୈଜ୍ଞାନିକ ଉପଗ୍ରହ ଯାହାକି କଳା ଛିଦ୍ର (Black hole)ସମେତ ସ୍ୱର୍ଗୀୟ ବସ୍ତୁରୁ ଏକ୍ସ-ରେ ନିର୍ଗମନର ସ୍ପେସ୍ ଆଧାରିତ ପୋଲାରାଇଜେସନ୍ ମାପରେ ଗବେଷଣା କରିବା ପାଇଁ ଉଦ୍ଦିଷ୍ଟ । ଭାରତର ଏପରି ଉଦ୍ଦେଶ୍ୟ ଥିବା ଉପଗ୍ରହ ପ୍ରଥମ ଓ ପୃଥିବୀରେ ଦ୍ୱିତୀୟ। ବର୍ତ୍ତମାନ ଆମେ ଗୋଟିଏ ଗୋଟିଏ କରି ସମସ୍ତ ବିଷୟ ସରଳ ଭାଷାରେ କିଛି କିଛି ଜାଣିବାକୁ ଚେଷ୍ଟା କରିବା।

PSLV କ'ଣ? ଇଂରାଜୀରେ Polar Satellite Launch Vehicle (PSLV) ପୋଲାର ସାଟେଲାଇଟ୍ ଲଞ୍ଚ ଯାନ କୁହାଯାଏ। ଏହା ହେଉଛି ଭାରତର ତୃତୀୟ ପିଢୀର ଲଞ୍ଚ ଯାନ। ଏହା ହେଉଛି ଭାରତର ପ୍ରଥମ ଲଞ୍ଚ ଯାନ ଯାହାକି ତରଳ ପର୍ଯ୍ୟାୟ ସହିତ ସଜା ଯାଇଥିଲା। PSLV-C58 / XPoSat ମିଶନ୍ PSLV-C58 ରକେଟ୍, ଗତକାଲି ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ସକାଳ ୯.୧୦ରେ ପ୍ରାଥମିକ ପେଲୋଡ୍ XPoSat ଏବଂ ଅନ୍ୟ ୧୦ ଟି ଉପଗ୍ରହ ସହିତ ନିମ୍ନ ପୃଥିବୀ କକ୍ଷପଥରେ ନିୟୋଜିତ ହେଲା । XpoSat ବିଶ୍ୱର କେବଳ ଦ୍ୱିତୀୟ ଏଭଳି ମିଶନ ଏବଂ PSLV-C୫୮ ସଫଳତାର ସହିତ Xposat, ସ୍ୱର୍ଗୀୟ ଉତ୍ସରୁ ନିର୍ଗତ ଏକ୍ସ-ରେର ସ୍ପେସ୍ ଆଧାରିତ ପୋଲାରାଇଜେସନ୍ ମାପିବା ପାଇଁ ୬୫୦ କିଲୋମିଟର ଅଣ୍ଡାକାର କକ୍ଷପଥରେ ନିୟୋଜିତ ହୋଇଥିଲା । PSLV-C58 ରକେଟ୍, ପିଏସଏଲଭି ର ୬୦ତମ ମିଶନ ଏବଂ ମିଶନରେ ଉପରୋକ୍ତ ଲକ୍ଷ ହାସଲ କରିବ । ଏହି ଯାନର ଦୈର୍ଘ୍ୟ ୪୪.୪ ମିଟର ଏବଂ ଓଜନ ୨୬୦ ଟନ।



XpoSAT, ଭାରତର ପ୍ରଥମ ପୋଲାରିମେଟ୍ରି ମିଶନ୍ ISRO ର ପ୍ରଥମ ଏକ୍ସ-ରେ ପୋଲାରିମିଟର ସାଟେଲାଇଟ୍ କଳା ଛିଦ୍ର (black hole)ପରି ସ୍ୱର୍ଗୀୟ ବସ୍ତୁଗୁଡ଼ିକ ବିଷୟରେ ସୂଚନା ପ୍ରଦାନ କରିବ । ISROର PSLV-C58 XPOSAT ସାଟେଲାଇଟ୍କୁ ପୂର୍ବ ଦିଗରେ ନିମ୍ନ ପ୍ରବୃତ୍ତି କକ୍ଷପଥରେ ଉତକ୍ଷେପଣ କରାଯାଇଛି। XPOSAT ନିୟୋଜିତ ଦେବା ପରେ, ଅର୍ବିଟାଲ୍ ପ୍ଲାଟଫର୍ମ (ଓପି) ପରୀକ୍ଷଣ ପାଇଁ ୩-ଅକ୍ଷ ସ୍ଥିର ମୋଡରେ ବଜାୟ ରଖିବା ପାଇଁ କକ୍ଷପଥକୁ ୩୫୦ କିଲୋମିଟର ବୃତ୍ତାକାର କକ୍ଷପଥରେ ହ୍ରାସ କରିବାକୁ PS4 ପର୍ଯ୍ୟାୟ ଦୁଇଥର ପୁନଃଆରମ୍ଭ ହେବ । PSRV ଅର୍ବିଟାଲ୍ ଏକ୍ସପେରିମେଣ୍ଟାଲ୍ ମଡ୍ୟୁଲ୍ -୩ (POEM-3) ପରୀକ୍ଷଣ ISRO ଏବଂ IN-SPACE ଦ୍ୱାରା ଯୋଗାଯାଇଥିବା ୧୦ଟି ଚିହ୍ନିତ ପେଲୋଡ୍ ର ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟକାରୀ ହେବ । XPoSat: XPoSat (ଏକ୍ସ-ରେ ପୋଲାରିମିଟର ସାଟେଲାଇଟ୍) ହେଉଛି ISROରୁ ପ୍ରଥମ ଉତ୍ସର୍ଗୀକୃତ ବୈଜ୍ଞାନିକ ଉପଗ୍ରହ ଯାହାକି ସ୍ୱର୍ଗୀୟ ଉତ୍ସରୁ ଏକ୍ସ-ରେ ନିର୍ଗମନର ସ୍ପେସ୍ ଆଧାରିତ ପୋଲାରାଇଜେସନ୍ ମାପରେ ଅନୁସନ୍ଧାନ କରିଥାଏ । ସାଟେଲାଇଟ୍ ବିନ୍ୟାସକରଣ IMS-2 ବସ୍ ପ୍ଲାଟଫର୍ମରୁ ପରିବର୍ତ୍ତିତ ହୋଇଛି । ମେନ୍ ଫ୍ରେମ୍ ସିଷ୍ଟମର ବିନ୍ୟାସ ଆଇଆରଏସ ଉପଗ୍ରହର ଐତିହ୍ୟ ଉପରେ ଆଧାରିତ । ଏହା ଦୁଇଟି ପେଲୋଡ୍ ଧାରଣ କରିଥାଏ ଯଥା POLIX (ଏକ୍ସ-ରେ ପୋଲାରିମିଟର ଇନଷ୍ଟ୍ରୁମେଣ୍ଟ) ଏବଂ XSPECT (ଏକ୍ସ-ରେ ସ୍ପେକ୍ଟ୍ରସ୍କୋପି ଏବଂ ଟାଇମିଂ)। POLIX ରମଣ ଅନୁସନ୍ଧାନ ପ୍ରତିଷ୍ଠାନ ଦ୍ୱାରା ଏବଂ XSPECT ହେଉଛି URSCର ଅନ୍ତରୀକ୍ଷ ଜ୍ୟୋତିର୍ବିଜ୍ଞାନ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ।

ISRO ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ଘଟନା ପାଇଁ ପ୍ରସ୍ତୁତ ଏକ ପୁସ୍ତିକା ଅନୁଯାୟୀ ଏହି ମିଶନର ନିମ୍ନଲିଖିତ ଉଦ୍ଦେଶ୍ୟ ଅଛି।

(କ) POLIX ପେଲୋଡ୍ ଦ୍ୱାରା ଥୋମସନ୍ ସ୍କାଟିଂ ମାଧ୍ୟମରେ ପ୍ରାୟ ୫୦ଟି ସମ୍ଭାବ୍ୟ ଉତ୍ସରୁ ନିର୍ଗତ ହେଉଥିବା ଶକ୍ତି ବ୍ୟାଣ୍ଡର୮–୩୦keV ମଧ୍ୟରେ ଥିବା ଏକ୍ସ-ରେର ପୋଲାରାଇଜେସନ୍ ମାପିବା ।

(ଖ) XSPECT ପେଲୋଡ୍ ଦ୍ୱାରା ଶକ୍ତି ବ୍ୟାଣ୍ଡର୦.୮ -୧୫keV ମଧ୍ୟରେ ଥିବା ଏକ୍ସ-ରେ ଉତ୍ସଗୁଡ଼ିକର ଦୀର୍ଘକାଳୀନ ସ୍ପେକ୍ଟ୍ରାଲ୍ ଏବଂ ସାମୟିକ ଅଧ୍ୟୟନ କରିବା ।

(ଗ) ସାଧାରଣ ଶକ୍ତି ବ୍ୟାଣ୍ଡରେ ଯଥାକ୍ରମେ POLIX ଏବଂ XSPECT ପେଲୋଡ୍ ଦ୍ୱାରା ବିଭିନ୍ନ ଉତ୍ସରୁ ଏକ୍ସ-ରେ ନିର୍ଗମନର ପୋଲାରାଇଜେସନ୍ ଏବଂ ସ୍ପେକ୍ଟ୍ରୋସ୍କୋପିକ୍ ମାପିବା।

(ଘ) ବ୍ଲାକ୍ ହୋଲ୍ ଏବଂ ଅନ୍ୟାନ୍ୟ ସ୍ୱର୍ଗୀୟ ବସ୍ତୁରୁ ଏକ୍ସ-ରେ ନିର୍ଗମନ ଅଧ୍ୟୟନ କରିବାକୁ ଉପଗ୍ରହ ସେଟ୍ ।

**କକ୍ଷପଥ ପରିବର୍ତ୍ତନ ଏବଂ ପାସିଭେସନ୍:** ପୂର୍ବ ଯୋଜନା ଅନୁଯାୟୀ ୬୫୦ କିଲୋମିଟର, ୬ ଡିଗ୍ରୀ କକ୍ଷପଥରେ XPoSat ନିୟୋଜିତ ହେବା ପରେ, PS4 ଦୁଇଥର ପୁନଃ ଆରମ୍ଭ କରି ୩୫୦ କିଲୋମିଟର, ~ ୯.୬ ଡିଗ୍ରୀ କକ୍ଷପଥକୁ ହ୍ରାସ କରାଯିବ । ଭବିଷ୍ୟତରେ ଯୋଜନା ହୋଇଥିବା ବାୟୁମଣ୍ଡଳ ପୁନଃପ୍ରବେଶ ପରୀକ୍ଷଣରେ PS4 ପର୍ଯ୍ୟାୟର ନିରାପତ୍ତାକୁ ଦୃଷ୍ଟିରେ ରଖି ବଳକା ଇନ୍ଧନକୁ ନିଷ୍କାସନ କରିବା ପାଇଁ PS4ରେ ପୁରୋଗାମୀ (precursor)ଭାବରେ ବିସର୍ଜନ କରାଯିବ । ପ୍ରଥମେ ନିର୍ଦ୍ଧାରିତ କ୍ରମରେ ଇନ୍ଧନକୁ ଅକ୍ସିଡାଇଜର ଦ୍ୱାରା ଛାଡି ଦିଆଯିବ । ପରେ ଟ୍ୟାଙ୍କର ଚାପକୁ ମୁକ୍ତ କରି ପାସିଭେସନ୍ ପଦ୍ଧତିକୁ ସକ୍ରିୟ କରାଯିବ। PS4ର ପାସିଭେସନ୍ ପୋଷ୍ଟ, ପର୍ଯ୍ୟାୟର ନିୟନ୍ତ୍ରଣ POEM Avionicsକୁ ସ୍ଥାନାନ୍ତରିତ କରାଯିବ। POEM PS4 ପର୍ଯ୍ୟାୟ ଉପନ୍ୟାସ ଚିନ୍ତାଧାରା ସହିତ ସ୍ପେସ୍ ଯୋଗ୍ୟତା ପ୍ରଣାଳୀରେ ପରୀକ୍ଷଣ କରିବା ପାଇଁ ୩-ଅକ୍ଷ ସ୍ଥିର ଅର୍ବିଟାଲ୍ ପ୍ଲାଟଫର୍ମ ଭାବରେ ବିନ୍ୟାସିତ । PS4 ପର୍ଯ୍ୟାୟ ଅର୍ବିଟାଲ୍ ପ୍ଲାଟଫର୍ମ ବୈଦ୍ୟୁତିକ ଶକ୍ତି ଆବଶ୍ୟକତା ଫ୍ଲେକ୍ସିବଲ୍ ସୋଲାର୍ ପ୍ୟାନେଲ୍ ଦ୍ୱାରା ବ୍ୟାଟେରୀ ବନ୍ଧା ସଂରଚନାରେ ୫୦AhLi-ion ବ୍ୟାଟେରୀ ସହିତ ମିଳିତ ହୋଇଥାଏ । ପେ-ଲୋଡ୍ ପରୀକ୍ଷା କରିବା ପାଇଁ ପ୍ଲାଟଫର୍ମର ନିୟନ୍ତ୍ରଣକୁ ପୂରଣ କରିବା ପାଇଁ ନାଭିଗେସନ୍, ଗାଇଡାନ୍ସ, କଣ୍ଟ୍ରୋଲ୍ ଏବଂ ଟେଲିକମ୍ୟାଣ୍ଡ୍ ଏବଂ ଅର୍ବିଟାଲ୍ ପ୍ଲାଟଫର୍ମ କଣ୍ଟ୍ରୋଲ୍ ସିଷ୍ଟମର ଯତ୍ନ ନେବା ପାଇଁ କକ୍ଷପଥରେ ଆଭିଏନିକ୍ ସିଷ୍ଟମ୍ ଗଠିତ ।

ପେଲୋଡ୍ ଗୁଡିକ କ'ଣ ?-ପେଲୋଡ୍ ସହ ଏହାର ଉଦ୍ଦେଶ୍ୟ ଏବଂ ଗଠନ କରିବାକୁ କେଉଁ ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଇଥିଲା ତାହା ନିମ୍ନରେ ଇଂରାଜୀରେ ଦିଆଗଲା ।

| Payload | Purpose | Agency/Company |
|---|---|---|
| Radiation Shielding Experimental Module (RSEM) | Evaluation of Tantalum coating effectiveness | TakeMe2Space |
| Women Engineered Satellite (WESAT) | Comparison of Solar Irradiance and UV Index | LBSInstitute of Technology forWomen |
| BeliefSa-10 | Amateur radio satellite | K J Somaiya Institute of Technology |
| Green Impulse Transmitter (GITA) | Green bipropellant CubeSat propulsion unit | Inspecity Space Labs Private Limited |
| Launching Expeditions for Aspiring Technologie-s Technology Demonstrator (LEAP-TD) | Demonstration of subsystems of microsatellite | Dhruva Space Private Limited |
| RUDRA 0.3 HPGP | Green Monopropellant Thruster | Bellatrix Aerospace Private Limited |
| Dust Experiment (DEX) | Interplanetary dust count measurement | ISRO Fuel cell Power System (FCPS) |
| ARKA-200 | Heater less Hollow Cathode for Hall thrusters | Bellatrix Aerospace Private Limited |
| Fuel cell power system | Demonstration of fuel cell | VSSC, ISRO |
| Si based High Energy cell | Demonstration of Silicon based High Energy cells | VSSC, ISRO |

**ମିଶନର ବୈଜ୍ଞାନିକ ଲକ୍ଷ୍ୟ ହାସଲ କିପରି ହେବ:** (୧) ଚୁମ୍ବକୀୟ କ୍ଷେତ୍ରର ବଣ୍ଟନ, ଜ୍ୟାମିତିକ ଆନିସୋଟ୍ରପି, ରେଖାକୁ ନଜର ରଖି ଏହାର ସଜ୍ଜୀକରଣ, ପୋଲାରାଇଜେସନ୍ ଡିଗ୍ରୀ ଏବଂ ଏହାର କୋଣ ମାପ କରି ନକ୍ଷତ୍ର ପୁଞ୍ଜ ରେ ଏକ୍ସ-ରେ ଉତ୍ସରେ ତ୍ୱରାନ୍ୱିତକାରୀ ପ୍ରକୃତି ଅଧ୍ୟୟନ କରିବାକୁ (୨) ନିଉଟ୍ରନ୍ ତାରାଗୁଡ଼ିକର ଚୁମ୍ବକୀୟ କ୍ଷେତ୍ରର ଗଠନ ଏବଂ ଜ୍ୟାମିତି, ଏକ୍ସ-ରେ ଆଲୋକ ପ୍ରଦାନ କୌଶଳ ଏବଂ ଏହାର କ୍ଷମତା ଓ କ୍ଷୟ ର ହାର ସହିତ ଏହାର ସମ୍ପର୍କ(୩) ନକ୍ଷତ୍ର ପୁଞ୍ଜ ସହ କଳା ଛିଦ୍ର (Blackhole)ର ଦୁଇ ପକ୍ଷୀୟ ଉତ୍ସଗୁଡ଼ିକର ବିସ୍ତୃତ ବିବରଣୀ (୪) ଏକ୍ସ-ରେ ଉତ୍ପାଦନ ବିଷୟରେ ଅଧ୍ୟୟନ ଏବଂ ନିଶ୍ଚିତ କରିବା, ନିଉଟ୍ରନ୍ ତାରାର କିମ୍ବା ମେରୁ ଅଞ୍ଚଳର ଚୁମ୍ବକୀୟ କ୍ଷେତ୍ରର ବାହ୍ୟ ଅଞ୍ଚଳରୁ ଉତ୍ପାଦନ (୫) ସୁପରନୋଭା ଅବଶିଷ୍ଟାଂଶରେ ସମକାଳୀନ (synchronized) ଯାନ୍ତ୍ରିକ ବ୍ୟବସ୍ଥା ନା ତାପଜ ନିର୍ଗମନ ଉପରେ ପ୍ରାଧାନ୍ୟ ଦେବା ଦରକାର ।

ଆର ଥରକୁ ଆମେରିକାର ଜାତୀୟ ଉଦ୍ୟାନ ସମ୍ପର୍କରେ ଅଧିକ ଚର୍ଚ୍ଚା ଆରମ୍ଭ କରିବା।

# କବିଚନ୍ଦ୍ରଙ୍କ ଆତ୍ମଲିପିରେ ଖଣ୍ଡପଡ଼ା ରାଜା ଓ ରାଜ୍ୟର ଚିତ୍ର



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର,
କେନ୍ଦ୍ରାପଡ଼ା
ମୋ: ୯୪୩୭୦୮୮୦୩୯

କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ। ଲେଖିଲେ ଆତ୍ମଲିପି 'କୁମ୍ଭାରଚକ'। ଆପଣାର ଜୀବନ କଥା ନୁହେଁ, ପୁସ୍ତକଟି ଓଡ଼ିଶା କଳା, ସାହିତ୍ୟ, ସଙ୍ଗୀତ ନାଟକର ଏକ ରସୋତ୍ତୀର୍ଣ୍ଣ ଇତିହାସ। ଏହା ୧୮୯୭ରୁ ଆରମ୍ଭ, ପ୍ରଲମ୍ବିତ ୧୯୭୫ ଯାଏ। ଦୀର୍ଘ ୭୫ ବର୍ଷରୁ ଉର୍ଦ୍ଧ୍ୱ ସାମାଜିକ କଥା ବ୍ୟଥାର ଚିତ୍ର ପୁସ୍ତକଟିରେ ସ୍ଥାନିତ। ଲେଖକ କେବେ ରକ୍ତାକ୍ତ ହୋଇଛନ୍ତି, ଝୁଣ୍ଟି ପଡ଼ିଛନ୍ତି, ଆପଣାର ଦୁର୍ବଳ ମୁହୂର୍ତ୍ତକୁ ପରିହାସ କରିଛନ୍ତି। ମାତ୍ର ନିଜକୁ ନିରାଭରଣ କରି ଦେଇଛନ୍ତି। ତା' ଭିତରେ ପରିସ୍ଫୁଟ ସାର୍ବକାଳିକ ଚେତନାବୋଧ। ନୈତିକ ମୂଲ୍ୟବୋଧ ସହ ଏହା ନିବିଡ଼ ଭାବେ ସମ୍ପର୍କିତ। ଆପଣାର ଦୁର୍ଦ୍ଦିନରେ କୁମ୍ଭାର ପରି ମାଟିକୁ, ମଣିଷଙ୍କୁ ସେ ଭଲ ପାଇଛନ୍ତି। ତାହାହିଁ ତାଙ୍କର ବିଶେଷତ୍ୱ। 'କୁମ୍ଭାର ଚକ'ର ଆଙ୍ଗିକ ଅଳଙ୍କରଣ, ଆତ୍ମିକ ବିଭବ ଅତୀବ ମନଛୁଆଁ। 'କଳିଙ୍ଗ', 'ଆସନ୍ତାକାଲି', 'ସହକାର' ଆଦି ପତ୍ରିକାରେ ଲେଖାଗୁଡ଼ିକ ପ୍ରକାଶ ପାଇଥିଲା। ଶେଷରେ ପୁସ୍ତକର ରୂପନେଲା। କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ବିଜେତା ହେଲା। ଆତ୍ମଲିପିଟିକୁ ବହୁ ଦିଗରୁ ବିଚାର କରାଯାଇପାରେ। ଏହାର ସାମାଜିକ ମୂଲ୍ୟବୋଧ ଉଚ୍ଚକୋଟୀର, ଐତିହାସିକ ଗୁରୁତ୍ୱ ବହୁ ଜନସ୍ୱୀକୃତ, ସାଂସ୍କୃତିକ ଅବବୋଧ ଅସାଧାରଣ, ଅନନ୍ୟ ନିଶ୍ଚୟ ! ଏଇଟି ଓଡ଼ିଆ ବାଣୀ ଭଣ୍ଡାରର ଏକ ଅମୂଲ୍ୟ ରତ୍ନ, ଅବିସ୍ମରଣୀୟ 'ଆତ୍ମଲିପି'।

କୁମ୍ଭାର ମାଟି ହାଣେ, ଚକଟେ, ଚକ ବୁଲାଏ, କୁମ୍ଭାର ଚକ। ମନଇଚ୍ଛା ହାଣ୍ଡି ଗଢ଼େ, ଆଟିକା, ସରା, ଫୁଲକୁଣ୍ଡ, ଧୂପଦାନୀ, ନନ୍ଦିଆ, କୁଣ୍ଡ, ମାଠିଆ – ଏମିତି ଅନେକ ଜିନିଷ ତିଆରି କରେ। ସେତେବେଳକୁ ମାଟିର ରଙ୍ଗ ବଦଳି ଯାଏ। ହଣାବେଳେ, ଚକଟା ବେଳେ ଗୋଟେ ରୂପ, ଆଉ ଗଢ଼ା ସରିଲେ ଅଲଗା ରୂପ ଧରେ। ସେମିତି ଜୀବନ ଚକ ଘୁରୁଛି। ଚକି ଭିତରେ କିଳା ବା ଖିଲ, ଅତି ସାନ, ଆଖିରେ ପଡ଼େନା। ଘୁରିବାଟାକୁ ସମସ୍ତେ ଦେଖନ୍ତି, ଭିତର କିଳାଟି କାହା ଆଖିରେ ପଡ଼େନି। କୁମ୍ଭାର ପରି କାଳିଚରଣଙ୍କର ଜଞ୍ଜାଳିଆ ଜୀବନ, ୭୫ ବର୍ଷର ଘଟଣା, ଠିକେ ଠିକେ ଲେଖକ ବାଢ଼ିଛନ୍ତି। ଲେଖିଛନ୍ତି- "ଫଟାକପାଳିଆ' ମୁଁ। ଭବିଷ୍ୟତ ଅନ୍ଧାର, ଜୀବନର ସବୁ କଥା ବଖାଣି ହବନି, ସେ ହେବ ଖଣ୍ଡେ ବିରାଟ ଗ୍ରନ୍ଥ।" ଭଲମନ୍ଦ କେତେକ ଘଟଣା, ବାଉଡିଛନ୍ତି ଲେଖକ। ସେଥିରେ ଅଛି ପିଲାଦିନ କଥା, ଚାକିରୀ ଜୀବନର ଅନୁଭୂତି, କଳାଜୀବନ, ଓଡ଼ିଶା ରଙ୍ଗମଞ୍ଚର ଇତିହାସ, ଡାଏରୀରୁ ଯତ୍‌କିଞ୍ଚିତ, ପଦ୍ମଶ୍ରୀ, ଡକ୍ଟରେଟ୍, ବିଦାୟ-ମାଗୁଣି ଆଦି ହୃଦୟସ୍ପର୍ଶୀ ଘଟଣାମାନ। କାଳୀଚରଣଙ୍କ ପ୍ରଥମ ଚାକିରୀ ଖଣ୍ଡପଡ଼ାରେ। ସେଠାକାର ରାଜା ଶ୍ରୀରାମଚନ୍ଦ୍ର ଭ୍ରମରବର। ତାଙ୍କ କଳା-ସାହିତ୍ୟ-ସଙ୍ଗୀତ ପ୍ରୀତି ଅତୀବ ଉଚ୍ଚକୋଟୀର। ତାହାକୁ କାଳୀଚରଣ ବଖାଣିଛନ୍ତି 'କୁମ୍ଭାରଚକ'ରେ।

ଅତୀତ ଓଡ଼ିଶା କଥା, ଗଡ଼ଜାତ ରାଜା, କେତେକ ବିଳାସୀ; ମାତ୍ର କଳା ସଂସ୍କୃତି ପ୍ରିୟ। ନାଚ, ଗୀତରେ ତାଙ୍କର ଭାରି ସୁଆଗ। କଳାକାରଙ୍କୁ ଯଥୋଚିତ ମାନ ଦିଅନ୍ତି। ସେମାନଙ୍କ ମଧ୍ୟରେ ବଡ଼ମ୍ବା, ତିଗିରିଆ, ଖଣ୍ଡପଡ଼ା ରାଜା ଅନ୍ତର୍ଭୁକ୍ତ। ଏସବୁ କାଳିଚରଣଙ୍କ ଅଙ୍ଗେଲିଭା କଥା। କାଳୀଚରଣ ପଟ୍ଟନାୟକଙ୍କ ପିତୃବିୟୋଗ ହେଲା। ଖୋଜିଲେ ଚାକିରୀ ଖଣ୍ଡେ। ପାଠପଢ଼ା ବେଳୁ ତାଙ୍କର ଗୀତ, ନାଚ, ଅଭିନୟରେ ବେଶ୍ ଦଖଲ। ବଡ଼ମ୍ବାରାଜା ଦରବାରରେ ତାଙ୍କ ବାପା ଚାକିରୀ କରିଥିଲେ, ଏବେ ସେ ଆରପାରିରେ। ରାଜା କାଳୀଙ୍କୁ ଭଲ ପାଉଥିଲେ, ଦେଲେ ପଚାଶଟଙ୍କା। ସମ୍ବଲପୁରରେ ରାମ୍‌ସେ ସାହବଙ୍କ କୋଠି, ପାହାଡ଼ ଉପରେ। ତାଙ୍କୁ ଯାଇ ଦେଖାକଲେ କାଳୀଚରଣ। ତାଙ୍କଠାରୁ ଆଶୀର୍ବାଦ ପାଇଲେ। ଗଲେ ଖଣ୍ଡପଡ଼ା। ତଦାନୀନ୍ତନ ରାଜା ଶ୍ରୀରାମଚନ୍ଦ୍ର ଭ୍ରମରବର (୧୯୧୯)। ଭାରି ସଙ୍ଗୀତ ବିଳାସୀ। କାଳୀଚରଣଙ୍କ ଠାରୁ ଗୀତ ଶୁଣିଲେ, ଖୁବ୍ ଆନନ୍ଦିତ ହେଲେ। ଚାକିରୀଟିଏ ବି ଦେଲେ। ସଙ୍ଗୀତ ପାଇଁ ଚାକିରୀ – ଏକଥା ବୁଝିଲେ କାଳୀଚରଣ। ସେଇ ସବୁ ବିଷୟ ଲେଖିଲେ ଆତ୍ମଲିପି 'କୁମ୍ଭାରଚକ'ରେ। ଏଥି ସହ କଣ୍ଟିଲୋ 'ନୀଳମାଧବ'ଙ୍କ କଥା ମଧ୍ୟ। ଓଡ଼ିଆରେ ବହୁ ପ୍ରଚଳିତ ପ୍ରବଚନଟେ – "ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ'। କଥାଟି କାଳୀଚରଣଙ୍କ କ୍ଷେତ୍ରରେ ଶହେରୁ ଶହେ ପ୍ରଯୁଜ୍ୟ। ଖଣ୍ଡପଡ଼ା ରାଜା ଗୁଣୀ, ଚିହ୍ନିଲେ କାଳୀଚରଣଙ୍କୁ ପହିଲି ଦେଖାରୁ।

କାଳୀଚରଣଙ୍କ ଚାକିରୀ ଖୋଜା ଅନୁଭୂତି, ଚାଲିଲେ ସମ୍ବଲପୁର। ମହାନଦୀରେ ଉଠାଣି ଡଙ୍ଗା, ବାଟରେ ଠାଏ ଠାଏ ବେପାର। ନାଆ ଥାକି ଥାକି ଯାଏ। ସଡ଼କଯାତ୍ରା ସୁବିଧା ନଥିଲା। ବଡ଼ମ୍ବାରୁ ସମ୍ବଲପୁର, ସାତ ଆଠ ଦିନ ଲାଗିଲା। ସଞ୍ଜ ହୋଇ ସାରିଥାଏ, ନୂଆ ଜାଗା, ସମ୍ବଲପୁର ଛୋଟ ଟାଉନଟେ। କାଳୀଚରଣ ଯାଉଥାଆନ୍ତି। ବେହେଲାର ମଧୁର ରାଗିଣୀ ଶୁଭିଲା। ଦାଣ୍ଡ ଦୁଆର ମେଲା। ଜଣେ ବୟସ୍କ ଭଦ୍ରଲୋକ ବେହେଲା ବଜଉଥିଲେ। ତାବଲା ବାଜୁଥାଏ, ବେହେଲା ବାଦକଙ୍କ ଆଖି ପଡ଼ିଲା, କାଳୀଚରଣଙ୍କ ଠିଆ ହୋଇ ଶୁଣୁଥିଲେ। ଯାହାର ଯହିଁକି ମନ, ସେଇ ଆଡ଼େ ତା' ଧ୍ୟାନ। ଭଦ୍ରବ୍ୟକ୍ତି ଜଣଙ୍କ କାଳୀଙ୍କୁ ଭିତରକୁ ଡାକିଲେ। ସେ ଗୀତ ବୋଲନ୍ତି, ଜାଣି ଖୁସି ହେଲେ। ବରାଦ ମୁତାବକ କାଳୀଚରଣ ଗାଇଲେ ତାଙ୍କର ପ୍ରିୟ ଭଜନ – "ରାଧାକାନ୍ତ ରାଧାମୋହନ ହେ ଗୋବିନ୍ଦ ! ଲବେ ଦୟା ନାହିଁ କି ?" ଏକବାର ତନ୍ମୟ ଭାବ, ଆଖିରୁ ଝରୁଥାଏ ଦି'ଧାର ସୁଖ-ଲୁହ। ଭଦ୍ରଲୋକ ଜଣକ କାଳୀଙ୍କ ଗୀତରେ ମଜ୍ଜିଗଲେ, ତାଙ୍କୁ ଅତିଥି କଲେ। ସହଜେ ତ ଓଡ଼ିଆ, ଭାତୁଆ ଜାତି, ଭାତ ମୁଠାକରେ ତାଙ୍କ ମନ। ଡଙ୍ଗା ଯାତ୍ରାରେ ଚୂଡ଼ା ଭେଦେଇ, ଗୁଡ଼ ଦେଇ ଖାଇଥିଲେ। କାଳୀଙ୍କ ପେଟରେ ଭାତ ମୁଠାକ ପଡ଼ିଲା। ତାଙ୍କ ହୋସ୍ ଆସିଲା। ସେ ଅନ୍ନ ମୁଠାକ ଥିଲା ଅମୃତପ୍ରାୟ।

କାଳୀଚରଣ ସେଦିନ ରାତିରେ ସବୁ କଥା ଜାଣିଲେ। ବେହେଲା ବାଦକ ଜଣେ ଡାକ୍ତର। ନାଁ ସନାତନ ବେହେରା। ସମ୍ବଲପୁରରେ ଡାକ୍ତର 'ବି ସନାତନ' ଭାବେ ଜଣାଶୁଣା। ଅତି ଲୋକପ୍ରିୟ ଡାକ୍ତର। ଘର କଟକ ପେଟିନ୍ ସାହିରେ। ସମ୍ବଲପୁରରେ ଡାକ୍ତରି ଦୋକାନ। ଏକ ପ୍ରକାର ସମ୍ବଲପୁରୀ ପାଲଟି ଯାଇଥିଲେ। କଥାବାର୍ତ୍ତା ସବୁ ସମ୍ବଲପୁରୀ ଲବଜରେ। କାଳୀଚରଣ ତାଙ୍କରି ଘରେ ରହିଲେ। ତା' ପରଦିନ ସାକ୍ଷାତ ହେଲା ପଲିଟିକାଲ ଏଜେଣ୍ଟ ରାମ୍‌ସେ ସାହେବଙ୍କ ସହିତ। ସହଜେତ ସାଇବ, କାଳୀଚରଣଙ୍କ ପ୍ରିନ୍‌ସିପାଲ ଥିଲେ ଲମ୍ଫଟ ସାଇବ, ତାଙ୍କ ସହ ଥରେ ଅଧେ ଦେଖା ସାକ୍ଷାତ। ଛାତି ଦମ୍‌ଦମ୍, ପାହାଡ଼ ଉପର ବଙ୍ଗଳା, ଭିତରେ ରାମ୍‌ସେ ସାହେବ, ଭାରି କଟକଣା, ଦୁଆର ମୁହଁରେ ଚପରାସୀ – କାଳୀ ତା' ହାତକୁ ବଢ଼େଇଦେଲେ ଚିରକୁଟିଟିଏ, ଲେଖାଥିଲା – "ସନ୍ ଅଫ୍ ଲେଟ୍ ଦୁର୍ଗାଚରଣ ପଟ୍ଟନାୟକ, ବଡ଼ମ୍ବା।" ସାଇବଙ୍କ ସହ ସାକ୍ଷାତ ହେଲା, ଇଂରାଜୀ ଠାଣି କାଳୀଚରଣ ଭୁଲିଗଲେ। ଅଣ୍ଟାନଇଁ ଜୁହାର ହେଲେ। ଖାଲି କାନ୍ଦିଲେ। ସାଇବ ତାଙ୍କ ବାପାଙ୍କୁ ଜାଣିଥିଲେ। ଏବେ ଜାଣିଲେ ସେ ସେପାରିରେ। ଖୁବ୍ ଦୁଃଖ କଲେ, କାଳୀଚରଣଙ୍କ ପିଠି ଥାପୁଡ଼େଇ ଆଶ୍ୱାସନା ଦେଲେ। ଖାଇବାକୁ ବିସ୍କୁଟ୍ ଦେଲେ, ପଚାଶଟଙ୍କା ବାଟ ଖରଚା ବି। କାଳୀଚରଣ ଫେରିଲେ ବଡ଼ମ୍ବା। ସପ୍ତାହଟି ଗଲା। ମଧ୍ୟରାତ୍ରି ଅତିକ୍ରାନ୍ତ, ଦେଖିଲେ ସପନଟାଏ – ନଈକୂଳ ଦେଉଳ, ସେ ଜଗନ୍ନାଥ ଦର୍ଶନ କରୁଛନ୍ତି। ସନ୍ଧ୍ୟା ଆଳତୀ ବେଳ ଲାଗିଲା। ଭଟ୍ଟାରିକା ସେପଟ ନଈକୂଳ କଣ୍ଟିଲୋ ନୀଳମାଧବଙ୍କ ସେ ଥାନ। କାଳୀଚରଣ ହଠାତ୍ ନିଦରୁ ଉଠିଲେ, ମା'ଙ୍କ ଆଶୀର୍ବାଦକୁ ସେ ଜୀବନସାରା ପାଥେୟ କରିଥିଲେ। ତାଙ୍କ ମନେ ହେଲା ସପନଟି ସତ ହେବ, ନୀଳମାଧବଙ୍କ କରୁଣା ସେ ପ୍ରାପ୍ତ ହେବେ। ଦର୍ଶନ ପାଇଁ ମନ ବଳିଲା। ବଡ଼ମ୍ବା ରାଜା ଏକଥା ଜାଣିଲେ। ଯାତ୍ରା ପାଇଁ ହାତୀଟିଏ ବି ଯୋଗାଡ଼ କରିଦେଲେ।

ରାତି ପାହା ପାହା, ଦୁଆର ମୁହଁରେ ହାତୀ ଠିଆ ହୋଇଥାଏ। ଏକା ମହାନଦୀ ସହସ୍ର କୋଶ, ନଈ ପାରିର ଏକମାତ୍ର ସାହାରାହା ନାଆ। ଖରାଦିନେ ହାତୀ ପିଠିରେ ଯାତ୍ରା, କୁମ୍ଭୀର ଭୟ ଥାଏ। ଝିଅମାନେ ଶାଶୂଘର ଯାଆନ୍ତି, ଅଳିଅଳୀ ଝିଅଟି କାନ୍ଦେ – "ଏକା ମହାନଦୀ ସହସ୍ର କୋଶ, ଲୋ ବୋଉ।" ଏକଥା କାଳୀଚରଣ ଢେରବାର ଶୁଣିଥିଲେ। ସେଦିନ ଅନୁଭବ କଲେ। ହାତୀ ଚାଲିଛି ପାହୁଲ ପକେଇ। ଶ୍ରୀ ନୀଳମାଧବଜୀଉଙ୍କ ବିଜେସ୍ଥଳୀ – ମୁକାମ କଣ୍ଟିଲୋ, କିଲ୍ଲେଖଣ୍ଡପଡ଼ା। ଗ୍ରାମଟି ନିହାତି ସାନ ନୁହେଁ, ଅବଶ୍ୟ ମଫସଲ ଗାଁ ତୁଳନାରେ। କଂସା, ପିତଳ କାରିଗରି ଲାଗି କଣ୍ଟିଲୋ ନାଁ ଡାକ। ସେଇ ବେଉସା ଚଳାଇ ଅନେକ ଧନୀ। ଲୋକେ ତାଙ୍କୁ ଡାକନ୍ତି ମହାଜନ। ନଈ ସେପାରି ବଡ଼ମ୍ବା, ଏ ପାରି ଖଣ୍ଡପଡ଼ା। ବଡ଼ମ୍ବାର ଇଷ୍ଟଦେବୀ ପ୍ରସିଦ୍ଧ ମା' ଭଟ୍ଟାରିକା। ତାଙ୍କ ଦେଉଳଟି ପାହାଡ଼ ଉପରେ। ମହାନଦୀ ଆରପାରି। ପାହାଡ଼ ଉପରେ ଦେଉଳ, କଣ୍ଟିଲୋ ନୀଳମାଧବଙ୍କ ବିଜେସ୍ଥଳୀ। ମଝିରେ ମହାନଦୀ। ସେଦିନ କାଳୀଚରଣ ହାତୀପିଠିରେ ବସି ଥାଆନ୍ତି। ଚିତ୍ରତୁଲ୍ୟ ଭାସି ଯାଉଥାଏ ମନଲୋଭା ଛବି। ଦି' ପଟର ଦୁଇ ପ୍ରସିଦ୍ଧ ଦେବଦେବୀ। ମଝିରେ ମହାନଦୀ। ତା' ଗର୍ଭ ଫୁଲି ଉଠିଥାଏ ବାଲିପଠାରେ। ଦି' ପାଖରେ ଜଳଧାରା – ଦୁଇ ପାହାଡ଼ର ପାଦତଳେ ମଥା ପିଟୁଛି ମହାନଦୀ। ଜଣାଉଛି ଆପଣାର ମନ କଥା ଅବା ଦେବଦେବୀଙ୍କର ଚରଣ ପଖାଳୁଛି – ସବୁ ତାକୁ ଜଣା। ମଝି ପଠାରେ ମାୟା ଜଳକୁମାରୀ, ତାତି ବାଲିରେ ସାଥୀ ଖୋଜି ମାତି ରହିଚି ଛନ୍ଦହରା ନାଚରେ। ଏଇଟା ଖରଦିଆ ନଈର ପେଟଚିରା ଦଶା। ସତେ ଯେମିତି ପରିହାସ କରୁଛି, ବାଣ୍ଟି ଚାଲିଛି ସଂସାର-ବନ୍ଧନ ଅଳିକତାକୁ। ସେ ବୁଝିଚି ବରଷାଦିନିଆ ସୁଖକୁ। ଖରାଦିନିଆ ଦୁଃଖକୁ ଅଙ୍ଗେ ଲିଭେଇଛି। କାଳୀଚରଣ ଏକଥାଟି ମର୍ମେ ମର୍ମେ ବୁଝିଲେ ସେଦିନ।

କାଳୀଚରଣ ମହାନଦୀରେ ସ୍ନାନକଲେ, ଆଖି ଆଗରେ ଜଳ ନୁହେଁ ସେ ଛଳ, ମୃଗତୃଷ୍ଣା। ସତେକି ଜୀବନର ମାୟାମରୀଚିକା। ଶୁଦ୍ଧପୂତ ହେଇ ନୀଳମାଧବଙ୍କୁ ଦର୍ଶନ କଲେ। ଧୂପ ବଢ଼ୁଥାଏ। ସେତେବେଳେ ଦର୍ଶନାର୍ଥୀ କୁହାକୁହି ହେଉଥିଲେ, ଛାମୁ ବିଜେ କରିବେ। ସେଇଥି ପାଇଁ ସଅଳ ସଅଳ ଧୂପ ବଢ଼ିଲା, ଛାମୁଙ୍କ ମଣୋହି ହେବ। ଡାକୁଆ, ଶୁଆର, କାହାଳିଆ, ବଡ଼ପଣ୍ଡା – ସଭିଏଁ ଜାଗତିଆର। ଖଣ୍ଡପଡ଼ା ରାଜା, ଆସିଛନ୍ତି କଣ୍ଟିଲୋ। କାଳୀଚରଣ ରାଜା ରାଇଜର ଲୋକ। ମନ ଚାହିଁଲା ଟିକେ ଦର୍ଶନ ପାଇଁ। ହେଲେ ରାଜଦର୍ଶନର ସ୍ୱତନ୍ତ୍ର ବିଧି। ବଡ଼ମ୍ବା ଗଡ଼ର ପରୀକ୍ଷା ପଟ୍ଟନାୟକ, ଦିଆନ ପଟ୍ଟନାୟକ ଇତ୍ୟାଦି ବୁଢ଼ା ବୁଢ଼ାଏ। ରିକ୍ତ ହସ୍ତରେ ରାଜଦର୍ଶନ ଅବିଧି – ଏକଥାଟି କହନ୍ତି। ଖଣ୍ଡପଡ଼ା ରାଜା ଟୋକାଟୋକାଳିଆ ନୁହନ୍ତି, ବେଶ୍ ପାଚିଲା। ତିଗିରିଆ ବୁଢ଼ାରାଜାଙ୍କ କଥା ତାଙ୍କ ହେତୁଥିଲା। ଜଣକେତେ ପଣ୍ଡିତ ତାଙ୍କ ପାଖେପାଖେ ଥାଆନ୍ତି। ଏଇ ରାଜାଙ୍କ ପୂର୍ବରାଜା, ନଟବର ଭ୍ରମରବର। ଭାରି ଜଗନ୍ନାଥ ଭକ୍ତ, ଦୋର୍ଦ୍ଦାନ୍ତ, ମହାପ୍ରତାପୀ ମଧ୍ୟ। ପଡ଼ୋଶୀ ରାଜ୍ୟ ବଡ଼ମ୍ବା, ଏଠାକା ଲୋକେ ଏହିକଥା କୁହାକୁହି ହୁଅନ୍ତି। ରାଜା ବଦ୍‌ରାଗୀ। ଜଗନ୍ନାଥଙ୍କ ଦର୍ଶନ ସମୟରେ ପୂରା ନିଆରା। କୌଣସି ନୀତି ଖଲର ହେଲେ ସେ ଦିଅଁଙ୍କ ମୁଖରୁ ଜାଣି ପାରନ୍ତି। ତାଙ୍କ ଆଖିରେ ଠାକୁରଙ୍କ ମୁହଁ ମଳିନ ଦିଶେ। ଆମ୍ବତୋଟାରେ ପାଚିଲା ଆମ୍ବ ଝଡ଼େ, ଯିଏ ପାରେ ଯେତେ ଗୋଟେଇ ନିଏ। କଞ୍ଚା ଆମ୍ବ ଯଦି କିଏ ଡେଙ୍ଗ ଛିଡ଼େଇଦିଏ; ତା' କପାଳ ଫାଟେ। ତାଙ୍କୁ ଦଣ୍ଡ ମିଳେ। ଆଙ୍ଗୁଠିର ବଥା ଦିହଯାକ ମନେରହେ। ଏହାବାଦ୍ ତାଙ୍କର ଆହୁରି ଭଲଗୁଣ ବି ଅଛି। ସେ ପ୍ରବୀଣ ସଙ୍ଗୀତଜ୍ଞ, ସଙ୍ଗୀତ ରସିକ ବି। ତାଙ୍କ ଅମଳରେ ଆର୍ତ୍ତମାର୍ଥୀ, ବୁଢ଼ା ବେଶ୍ ଯୋଡ଼ତୋଡ଼ରେ ସୀତାର ବଜାଏ। ଗାୟକ ଗୁଣ୍ଡିନନ୍ଦେ, ଦିଲ୍ଲୀ, ବନାରସ ବହୁତ ଆଡ଼େ ବୁଲିଥିଲେ। ଗୀତ ପାଇଁ ଢେର୍ ନାଁ କମେଇଥିଲେ। ଆହୁରି କେତେକ ଗାୟକ ଥିଲେ। ସେ ରାଜାଙ୍କର ଦେହାନ୍ତ ହୋଇଗଲା। କର୍ପୂର ଗଲା ସିନା, କନାରୁ ବାସନା ଯାଇନଥିଲା। ଖଣ୍ଡପଡ଼ା ଓଡ଼ିଶୀ ଗୀତ ନାଚର ଗୋଟେ ବିଶିଷ୍ଟ ପେଣ୍ଠ। ଏ ମାଟିର ଗୁଣ। ପୃଥିବୀ ବିଖ୍ୟାତ ପଠାଣି ସାମନ୍ତ (ସାମନ୍ତ ଚନ୍ଦ୍ରଶେଖର) ଏଇ ଖଣ୍ଡପଡ଼ାର। ଗୀତ ଲେଖକ ସେଠାରେ କିଛି କମ୍ ନଥିଲେ। ଶିଳ, ଶିଳପୋତା ଗଗନେ ଉଡ଼ିବା ପ୍ରାୟ, ସେଠି କାଳୀଚରଣ ଗଜାବୟସିଆ ଟୋକାଟାଏ, ଶିମିଳି ତୁଳା ସମ! ତଥାପି ମନରେ ପାଞ୍ଚିଲେ, ମା'ଙ୍କୁ ସୁମରଣା କଲେ, ଲେଖିଲେ ଗୀତଟିଏ। ଏଇଟିକୁ ଛାମୁଙ୍କୁ ଭେଟିଦେବାକୁ ମନସ୍ଥ କଲେ। ଚାକିରୀ ଖୋଜୁଥିବା ବାପହରା କାଳୀଚରଣ, ଆଉବା କି ଭେଟି ଦେଇପାରିବେ ରାଜାଙ୍କୁ ?

(କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ହାପି ଇଲେଭେନ ଚାମ୍ପିୟନ

**ଭୁବନେଶ୍ୱର**




ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଗଡ଼ ଗୋପୀନାଥ ପ୍ରସାଦ(ଜିଜିପି) ସ୍କୁଲ ପଡ଼ିଆରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି କଟକର ହାପି ଇଲେଭେନ୍। ଫାଇନାଲରେ ଦଳ ସନ୍ ଇଲେଭେନ୍‌କୁ ୫ ଉଇକେଟରେ ପରାସ୍ତ କରିଛି। ହାପି ଇଲେଭେନ୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଲୁଲୁ ସ୍ୱାଇଁଙ୍କ ୨୪ ବଲ୍ ୪୬ ରନ୍ ବଳରେ ସନ୍ ଇଲେଭେନ୍ ୧୫ ଓଭରରେ ୭ ଉଇକେଟରେ ୧୭୨ ରନ୍ କରିଥିଲା। ଅଙ୍କେଶ ତିୱାରୀ ୨୬ ରନ୍ ବ୍ୟୟରେ ୩ ଉଇକେଟ ନେଇଥିଲେ। ଜବାବରେ ପାପାଲି ମିଶ୍ରଙ୍କ ୨୪ ବଲ୍ ୪୮ ରନ୍‌ର ଇନିଂସ ସହାୟତାରେ ୧୪.୩ ଓଭରରେ ୫ ଉଇକେଟରେ ୧୭୫ ରନ୍ ସଂଗ୍ରହ କରିଥିଲା। ହାପି ଇଲେଭେନ୍‌ର ପାପାଲି ମିଶ୍ରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିବା ବେଳେ ରଶ୍ମିରଞ୍ଜନ ଓଝା ପ୍ଲେୟର ଅଫ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟର ଶୃଙ୍ଖଳିତ ଦଳ ଭାବରେ ଆମି ଇଲେଭେନକୁ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ନମ୍ବର ୧୯ କର୍ପୋରେଟର ସ୍ମୃତିଶିଖା ବରିସାଲ, ସଞ୍ଜୟ ପାଇକରାୟ, ଭୁବନେଶ୍ୱର ଟ୍ରକ୍ ଆସୋସିଏସନ ସଭାପତି ପ୍ରଦୀପ ବରିସାଲ ଓ ଗୀତାଞ୍ଜଳି ଆୱାର୍ଡସ ପରିଚାଳନା ନିର୍ଦ୍ଦେଶକ ବୁଦ୍ଧ ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଦିନିକିଆ କ୍ରିକେଟରୁ ଅବସର ଘୋଷଣା କଲେ ଡେଭିଡ୍ ୱାର୍ଣ୍ଣର

**ନୂଆଦିଲ୍ଲୀ**




ନୂଆ ବର୍ଷ ୨୦୨୪ର ପ୍ରଥମ ଦିନରେ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଅଷ୍ଟ୍ରେଲିଆର ବ୍ୟାଟର ଡାଭିଡ ୱାର୍ଣ୍ଣର। ଏହି ଅଭିଜ୍ଞ ବାମହାତୀ ବ୍ୟାଟ୍ସମ୍ୟାନ ସମ୍ମାନଜନକ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସସିଜି)ରେ ପାକିସ୍ତାନ ବିପକ୍ଷରେ କ୍ୟାରିୟରର ବିଦାୟୀ ଟେଷ୍ଟ ମ୍ୟାଚ୍‌ର ଦୁଇ ଦିନ ପୂର୍ବରୁ ଏହି ଘୋଷଣା କରିଛନ୍ତି।

୩୭ ବର୍ଷୀୟ ୱାର୍ଣ୍ଣର ବିଶ୍ୱକପ ୨୦୨୩ ପରେ ୫୦ ଓଭର ଫର୍ମାଟରୁ ଅବସର ନେବେ ବୋଲି ସଙ୍କେତ ଦେଇଥିଲେ। ୱାର୍ଣ୍ଣର କହିଛନ୍ତି ଯେ ପତ୍ନୀ କ୍ୟାଣ୍ଡିସ ଏବଂ ତିନି ଝିଅ ଆଇଭି, ଇସଲା ଏବଂ ଇଣ୍ଡିଙ୍କୁ ଏବେ ଅଧିକ ସମୟ ଦେବାକୁ ପଡିବ ତେଣୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ୱାର୍ଣ୍ଣର କହିଛନ୍ତି ଯେ ଯଦି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଅଷ୍ଟ୍ରେଲିଆକୁ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଆବଶ୍ୟକ ହୁଏ, ତେବେ ସେ ଅବସରରୁ ଫେରିବାକୁ ଚିନ୍ତା କରିବେ।

ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦିନିକିଆରୁ ନିଜ ଅବସର ଘୋଷଣା କରି ୱାର୍ଣ୍ଣର କହିଛନ୍ତି, ନଭେମ୍ବରରେ ଭାରତ ବିପକ୍ଷ ବିଶ୍ୱକପ ଫାଇନାଲ ୫୦ ଓଭର ଫର୍ମାଟରେ ତାଙ୍କର ଶେଷ ମ୍ୟାଚ୍ ଥିଲା। ମୁଁ ନିଶ୍ଚିତ ଭାବେ ଦିନିକିଆ କ୍ରିକେଟରୁ ଅବସର ନେଉଛି। ଭାରତରେ ବିଶ୍ୱକପ ବେଳେ ମୁଁ ଏହା କହିଥିଲି। ଏହା (ବିଶ୍ୱକପ ବିଜୟ)ବାସ୍ତବରେ ଏକ ବଡ଼ ସଫଳତା। ମୁଁ ଜାଣେ ଚାମ୍ପିଅନ୍ସ ଟ୍ରଫି ଆସୁଛି। ଯଦି ମୁଁ ଦୁଇ ବର୍ଷ ପରେ ମଧ ଭଲ କ୍ରିକେଟ ଖେଳୁଥାଏ ଏବଂ ସେମାନଙ୍କୁ (ଅଷ୍ଟ୍ରେଲିଆ) ଆବଶ୍ୟକ ପଡ଼େ, ତେବେ ମୁଁ ଉପଲବ୍ଧ ହେବି।

ବିସ୍ଫୋରକ ବ୍ୟାଟିଂ ପାଇଁ ପରିଚିତି ୱାର୍ଣ୍ଣରଙ୍କ ନାଁରେ ଦୁଇଟି ଦିନିକିଆ ବିଶ୍ୱକପ ଟାଇଟଲ ଅଛି। ବିଶ୍ୱକପ ୨୦୨୩ରେ ୱାର୍ଣ୍ଣର ଅଷ୍ଟ୍ରେଲିଆ ତରଫରୁ ସର୍ବାଧିକ ରନ ସଂଗ୍ରହ କରିଥିଲେ। ବିଶ୍ୱକପ୍ ୨୦୨୩ରେ ୱାର୍ଣ୍ଣର ୧୧ଟି ମ୍ୟାଚ୍‌ରେ ଦୁଇଟି ଶତକ ଓ ସମାନ ସଂଖ୍ୟକ ହାରାହାରି ୪୮.୬୩ ସହ ୫୩୫ ରନ କରିଥିଲେ। ତାଙ୍କର ସର୍ବାଧିକ ସ୍କୋର ଥିଲା ୧୬୩ ରନ୍, ଯାହା ସେ ବେଙ୍ଗାଲୁରୁରେ ପାକିସ୍ତାନ ବିପକ୍ଷରେ କରିଥିଲେ।

ୱାର୍ଣ୍ଣର ମୋଟ୍ ୧୬୧ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିବା ବେଳେ ହାରାହାରି ୪୫.୩୦ ଏବଂ ୯୭.୨୬ ଷ୍ଟ୍ରାଇକ୍ ହାର ସହ ୬୯୩୨ ରନ କରିଛନ୍ତି। ଏଥିରେ ୨୨ ଶତକ ଏବଂ ୩୩ ଅର୍ଦ୍ଧଶତକ ରହିଛି। ୱାର୍ଣ୍ଣର ଜାନୁଆରୀ ୨୦୦୯ରେ ହୋବର୍ଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ରିକି ପଣ୍ଟିଂ, ଆଡାମ୍ ଗିଲକ୍ରାଇଷ୍ଟ, ମାର୍କ ୱାଗ୍, ମାଇକେଲ କ୍ଲାର୍କ ଏବଂ ଷ୍ଟିଭ ୱାଗଙ୍କ ପରେ ୱାର୍ଣ୍ଣର ହେଉଛନ୍ତି ଅଷ୍ଟ୍ରେଲିଆର ଷଷ୍ଠ ସର୍ବାଧିକ ରନ ସ୍କୋରର୍। ଟେଷ୍ଟ ଫର୍ମାଟରେ ୱାର୍ଣ୍ଣର ଏପର୍ଯ୍ୟନ୍ତ ୧୧୧ଟି ମ୍ୟାଚ୍ ଖେଳିଛନ୍ତି। ସେ ଏହି ଫର୍ମାଟରେ ହାରାହାରି ୪୪.୫୮ରେ ୨୬ ଶତକ ଓ ୩୬ ଅର୍ଦ୍ଧଶତକ ସହ ୮୬୯୫ ରନ କରିଛନ୍ତି। ୱାର୍ଣ୍ଣର ଅଷ୍ଟ୍ରେଲିଆ ପାଇଁ ଟି-୨୦ କ୍ରିକେଟ ଖେଳିବା ପାଇଁ ଉପଲବ୍ଧ ହେବେ।

## ମୁସ୍ତାଫାପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମୁସ୍ତାକ ଲିଜେଣ୍ଡ ଚାମ୍ପିଅନ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**



ଧାମନଗର ବ୍ଲକ୍ ଦୋବଲ କାଳୀପଡ଼ିଆ ଠାରେ ରବିବାର ମୁସ୍ତାଫା ପୁର ଇସଲାମିକ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଏକଦିବସୀୟ ମୁସ୍ତାଫାପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୁସ୍ତାକ ଲିଜେଣ୍ଡ ଚମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ମୁସ୍ତାକ ଲିଜେଣ୍ଡ ସହିତ ତାଜୁ ଲିଜେଣ୍ଡ ମଧ୍ୟରେ ହୋଇଥିଲା। ମୋଟ ତିନୋଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ତାଜୁ ଲିଜେଣ୍ଡ ଟସ୍ ଜିତି ମୁସ୍ତାକ ଲିଜେଣ୍ଡକୁ ବ୍ୟାଟିଂ ଦେଇଥିଲା। ମୁସ୍ତାକ ଲିଜେଣ୍ଡ ୧୦ ଓଭର ଖେଳି ୧୪୩ ରନ କରିଥିଲା। ଦଳର ତସ୍‌ଲିମ ଖାଁ ୩୭ ବଲରେ ୧୪୩ ରନ କରିଥିଲା। ତାଜୁ ଲିଜେଣ୍ଡ ୧୦ ଓଭରରେ ୧୧୬ ରନ କରିଥିଲା। ଦ୍ୱିତୀୟ ମ୍ୟାଚ୍ ତାଜୁ ଲିଜେଣ୍ଡ ୧୦ ଓଭରରେ ୭୯ ରନ କରିଥିଲା ଜବାବରେ ମୁସ୍ତାକ ଲିଜେଣ୍ଡ ୮ ଓଭର ରେ ୮୦ ରନ କରି ବିଜୟ ହୋଇଥିଲା। ତୃତୀୟ ମ୍ୟାଚ୍ ତାଜୁ ଲିଜେଣ୍ଡ ୬ ଓଭରରେ ୧ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ ମୁସ୍ତାକ ଲିଜେଣ୍ଡ ୬ ଓଭରରେ ୩ ଉଇକେଟ ହରାଇ ୭୨ ରନ କରି ପରାସ୍ତ ହୋଇଥିଲା। ଫଳରେ ୨.୧ ସିରିଜ୍‌ରେ ମୁସ୍ତାକ ଲିଜେଣ୍ଡ ଜିତି ଚାମ୍ପିଅନ ହୋଇଥିଲା। ଅମ୍ପାୟାର ଭାବେ ଖେଳ ପରିଚାଳନା କରୁଥିଲେ ସରୋଜ ଧଳ ଓ ଦୀପକ ଗିରି। ଏହି ବନ୍ଧୁତ୍ୱପୂର୍ଣ୍ଣ ୩୫ ବର୍ଷରୁ ଉର୍ଦ୍ଧ୍ୱ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଧାମନଗର ଥାନା ଅଧିକାରୀ ଫନିନ୍ଦ୍ର ଭୂଷଣ ନାୟକ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣି ଉତ୍ସବରେ ଅତିଥି ଭାବେ ମୁସ୍ତାଫାପୁର ପଞ୍ଚାୟତ ସରପଞ୍ଚ ଜିଶ୍ନାରା ବିବି, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ମେରାଜ କାଦ୍ରୀ, ସାଦିକ କାଦ୍ରୀ, ଟିପୋ ଅଲ୍ଲି ଖାଁ, ଆୟାରୁଦ୍ଦୀନ ପ୍ରମୁଖ ପରିଚାଳନା କରିଥିଲେ।

## ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଯାଜପୁର ସାମ୍ବାଦିକ ଏକାଦଶଙ୍କ ସହ ବ୍ଲକ୍ ଏକାଦଶ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ମୁକୁଟ ବିହୀନ ସମ୍ରାଟ ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାଜପୁର ବ୍ଲକ୍ ନାଥ ସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ଚତୁର୍ଥ ଦିନର ଖେଳ ଅନୁଷ୍ଠିତ ହୋଇଯାଇଛି। ସୋମବାର ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ମ୍ୟାଚ୍ ଯାଜପୁର ସାମ୍ବାଦିକ ଏକାଦଶ ଓ ଯାଜପୁର ପଞ୍ଚାୟତ ସମିତି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ଦେଖିବାଲାଗି ହଜାର ହଜାର ଦର୍ଶକ ଏକାଠି ହୋଇଥିଲେ। ଏହି ମ୍ୟାଚ୍ ବହୁ ଚିତ୍ତାକର୍ଷକ ହୋଇଥିଲା। ଯାଜପୁର ବ୍ଲକ୍ ପ୍ରଶାସନ ତରଫରୁ ବରିଷ୍ଠ ବିଜେଡ଼ି ନେତା ଦିଲ୍ଲୀପ ଜେନା, ଦାମୋଦର ସାହୁ, ପ୍ରଶାନ୍ତ ଦାସ, ଅମରେନ୍ଦ୍ର ଦାସ, ଯମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ବାସୁଦେବପୁର ସରପଞ୍ଚ କାହ୍ନୁ ତରାଇ, ରଶ୍ମିରଞ୍ଜନ ମହାନ୍ତି, ଅଜୟ ମହାନ୍ତି ଓ ବ୍ଲକ୍ ଯୁବ ବିଜେଡ଼ି ସଭାପତି ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯାଜପୁର ସାମ୍ବାଦିକ ଏକାଦଶର ସମରଜିତ ମହାନ୍ତି, ଦିଲ୍ଲୀପ ଦାସ, ବିଶ୍ୱଜିତ ରଣା, ଅରୁଣ ରାଉତରାୟ, ସନ୍ଦୀପ୍ତ ରାୟ, ଦେବାଶିଷ ସାହୁ, ମହେଶ୍ୱର ସାହୁ, ପରମେଶ୍ୱର ବେହୁରିଆ, ବିଭୁଦତ୍ତ ପୃଷ୍ଟି, ଶକ୍ତିସୌରଭ ମହାପାତ୍ର, ବିଜୟ ସାହୁ, ସୌମ୍ୟରଞ୍ଜନ ଦାସ, ହିମାଂଶୁ ପାଢ଼ୀ, ପବିତ୍ର ପାଣିଗ୍ରାହୀ, କ୍ରୀଷ୍ଣା, ମନୋଜ ରଣା ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ମ୍ୟାଚ୍‌ରେ ମୁଖ୍ୟ ଅତିଥି ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡ଼ି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ସ୍ୱସ୍ତିକ ପହି, ନାଥସାହି ସ୍ଥାନୀୟ ଯୁବନେତା ମନୋଜ କୁମାର ସାହୁ, ସୁଶାନ୍ତ ସିଂ, ଯାଜପୁର ପୌରପାଳିକା ନଗର ସଭାପତି ମନୋଜ ସାହୁ, କାଉନ୍‌ସିଲର ଶୁଭାଶିଷ ରାଉତ, ପାର୍ଥସାରଥୀ ବେହେରା, ସଞ୍ଜୟ ବେହେରା, ଉମାକାନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଶୁବମନ ଗିଲ୍‌ଙ୍କ ବିଫଳତାର କାରଣ କହିଲେ ଗାଭାସ୍କର

**ନୂଆଦିଲ୍ଲୀ**

ଶୁବମନ ଗିଲ୍‌ଙ୍କ ବିଫଳତାକୁ ନେଇ ପ୍ରତିକ୍ରିୟା ରଛନ୍ତି କିମ୍ବଦନ୍ତୀ ଭାରତୀୟ କ୍ରିକେଟର ସୁନୀଲ ଗାଭାସ୍କର। ଟେଷ୍ଟରେ ଆକ୍ରମଣାତ୍ମକ ବ୍ୟାଟିଂ କାରଣରୁ ଗିଲ୍ ବିଫଳ ହେଉଛନ୍ତି ବୋଲି ଗାଭାସ୍କର ପ୍ରକାଶ କରିଛନ୍ତି।

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଟେଷ୍ଟର ପ୍ରଥମ ମ୍ୟାଚ୍‌ର ଉଭୟ ଇନିଂସରେ ଗିଲ୍ ଯଥାକ୍ରମେ ୨ ଏବଂ ୨୬ ରନ୍ କରିଥିଲେ। କେବଳ ଏହି ଦୁଇ ଇନିଂସ ନୁହେଁ ନିକଟ ଅତୀତରେ ଗିଲ୍ ଅନେକ ଥର ବିଫଳ ହୋଇଛନ୍ତି। ଟେଷ୍ଟ କ୍ରିକେଟରେ ଧୈର୍ଯ୍ୟର ଆବଶ୍ୟକ କରିଥାଏ।

ଟି୨୦ ଓ ଦିନିକିଆ କ୍ରିକେଟରେ ଭିନ୍ନ ଧରଣର ଟେକ୍‌ନିକ୍‌ର ଆବଶ୍ୟକ ପଡ଼ିଥାଏ। ଉଭୟ ଫର୍ମାଟରେ ଭିନ୍ନ ବଲ୍ ଖେଳାଯାଉଥିବା ବେଳେ ଟେଷ୍ଟରେ ଖେଳିବା ପାଇଁ ଭିନ୍ନ ଟେକ୍‌ନିକ୍‌ର ଆବଶ୍ୟକ। ରେଡ୍ ବଲ୍‌ରେ ଅଧିକ ବାଉନ୍ସ ଦେଖିବାକୁ ମିଳିଥାଏ। ତେଣୁ ଟେଷ୍ଟ କ୍ରିକେଟରେ ବ୍ୟାଟିଂ କରିବା ସମୟରେ ଏହାକୁ ଧ୍ୟାନରେ ରଖିବାକୁ ପଡ଼ିବ ବୋଲି ଗାଭାସ୍କର କହିଛନ୍ତି।

# ଜିଲ୍ଲା ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ପିସି ସ୍କୁଲର ୫ ଛାତ୍ରଙ୍କ ସଫଳତା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମରେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲା ସ୍ତରୀୟ ବାର୍ଷିକ ଖେଳକୁଦ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ ଜଣ ଛାତ୍ର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଶହ ଶହ ପ୍ରତିଯୋଗୀଙ୍କ ଭିତରେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ରାମଚନ୍ଦ୍ର ହେମ୍ବ୍ରମ ୬୦ମି. ଦୌଡ଼ ଓ ଉଚ୍ଚ ଡିଆଁରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୬ ବର୍ଷରୁ କମ୍ ବାଳକ ବିଭାଗରେ ଜାଗେନ କିସ୍କୁ ଉଚ୍ଚ ଡିଆଁ ଓ ସଟପୁଟ ଥ୍ରୋ ରେ ପ୍ରଥମ, ଦଶରଥ ମାଝୀ ଡିସ୍କସ୍ ଥ୍ରୋରେ ପ୍ରଥମ ଏବଂ ସଟପୁଟ ଥ୍ରୋ ରେ ଦ୍ୱିତୀୟ ସ୍ଥାନ, ସାଜନ ବେହେରା ଜାଭେଲିନ ଥ୍ରୋ ଓ ସଟପୁଟ ଥ୍ରୋ ରେ ତୃତୀୟ ତଥା ରୁଷିକ ସୋରେନ ଡିସ୍କସ ଥ୍ରୋରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ସୋମନାଥ ସିଂହ କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ସଫଳତା ପାଇଁ କ୍ରୀଡ଼ା ଶିକ୍ଷକ ଅଭିଷେକ ବେହେରା, ୱାର୍ଡେନ ସରୋଜ କୁମାର ସାବତ, ଜିତେନ ବାହାଦୁର ଲାମା ଓ ବାମା ଚରଣ ବାନରାଙ୍କୁ ଧନ୍ୟବାଦ ଦେଇଛନ୍ତି। ଖବର ପାଇ ସମସ୍ତ ଶିକ୍ଷକ / ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା ଅଞ୍ଚଳବାସୀଙ୍କ ସମେତ ନଗରପାଳ କୃଷ୍ଣନନ୍ଦ ମହାନ୍ତି, ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ସିଆରସିସି ଧନଞ୍ଜୟ ସାହୁ ଅଭିନନ୍ଦନ ଜଣାଇଛନ୍ତି।

## ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ସୋନପୁର ଫୁଟ୍‌ବଲ କ୍ଲବ ଚାମ୍ପିୟନ

**ଟାଙ୍ଗୀ**



କୁହୁଡ଼ି ମହାବୀର ଆଥ୍ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଜନତା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସୋନପୁର ଫୁଟ୍‌ବଲ କ୍ଲବ ଚାମ୍ପିୟନ ହୋଇଛି। ସମ୍ବଲପୁର ଫୁଟ୍‌ବଲ କ୍ଲବକୁ ୮-୭ ଟାଇବ୍ରେକର୍‌ରେ ଦଳ ହରାଇଥିଲା। ପ୍ରଥମାର୍ଦ୍ଧର ୨୪ ମିନିଟ୍‌ରେ ସୋନପୁର ଟିମ୍‌ର ଭାବଗ୍ରାହୀ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୭ ମିନିଟରେ ସମ୍ବଲପୁର ଟିମ୍‌ର ବିଜୁ ଓରାମ ଗୋଟିଏ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ଅମୀମାଂସିତ ରହିଥିଲା। ଫଳରେ ଟାଇବ୍ରେକରରେ ୮-୭ ଗୋଲରେ ସୋନପୁର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ଉଦୟନ ରାଉତରାୟ, ହରିଶ୍ଚନ୍ଦ୍ର ନାଇଡୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନରଅପ୍ ଟିମ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସୁନୀଲ ମୁଣ୍ଡା, ଗଙ୍ଗା ଓରାମ, ବିଷ୍ଣୁ ଓରାମ, ବିଜୁ ଓରାମ, ଲକି ବୟ, ଭାବଗ୍ରାହୀ ପଢିହାରୀ, ଦୁବାଙ୍ଗଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ସମ୍ମାନିତ କରାଯାଇଥିଲା। ଆସୋସିଏସନ ସମ୍ପାଦକ ମନୋଜ କୁମାର ମାନସିଂହ, ସହସମ୍ପାଦକ କମଳାକାନ୍ତ ସାମନ୍ତରାୟ, କେଦାରନାଥ ଦାସ, ବିପିନ କୁମାର ଜୟସିଂହ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସଂଘର୍ଷ କରି ହାରିଲା ଜଗରନଟ୍ସ

**ଭୁବନେଶ୍ୱର**

କଟକର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ତେଲୁଗୁ ଯୋଦ୍ଧାସ ନିକଟରୁ ୨୯-୨୮ରେ ପରାଜିତ ହୋଇଛି। ଗୁଜରାଟ ଜାଏଣ୍ଟ ନିକଟରୁ ଶନିବାର ପରାଜିତ ହୋଇଥିବା ବେଳେ ରବିବାର ସଂଘର୍ଷ କରିଥିଲେ ମଧ୍ୟ ପରାଜିତ ହୋଇଛି ଓଡ଼ିଶା। ଆରମ୍ଭରୁ ପଛୁଆ ରହିଥିଲେ ମଧ୍ୟ ଦଳ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ଜଗରନଟ୍ସ ଅଧିନାୟକ ଦୀପେଶ ମୋରେ ଚମତ୍କାର ପ୍ରଦର୍ଶନ କରିବା ସହ ଦଳକୁ ଏକ ଡ୍ରିମ୍ ରନ୍ ପ୍ରଦାନ କରିଥିଲେ। ତେବେ ଅନ୍ତିମ ରାଉଣ୍ଡରେ ଓଡ଼ିଶା ଶେଷ ସେକେଣ୍ଡରେ ୨ ପଏଣ୍ଟ ହାସଲ କରିଥିଲା। ତେବେ ରିଭ୍ୟୁରେ ଓଡ଼ିଶା ଏହି ପଏଣ୍ଟ ହରାଇବା ସହିତ ମ୍ୟାଚ୍ ହାରି ଯାଇଥିଲା। ପ୍ରଥମ ଟର୍ଣ୍ଣରେ ତେଲୁଗୁ ଯୋଦ୍ଧାସ ଆଟାକ୍‌ରୁ ୧୦ ପଏଣ୍ଟ ଅର୍ଜନ କରିଥିବା ବେଳେ ଜଗରନଟ୍ସ ୩ ପଏଣ୍ଟ ପାଇଥିଲା। ଜଗରନଟ୍ସ ଆଟାକ୍‌ରେ ୧୨ ପଏଣ୍ଟ ପାଇଥିବା ବେଳେ ଯୋଦ୍ଧାସ ୪ ପଏଣ୍ଟ ଡିଫେଣ୍ଡ କରିଥିଲେ। ଶେଷ ଦୁଇଟି ଟର୍ଣ୍ଣରେ ଉଭୟ ଦଳ ୧ ପଏଣ୍ଟ ଲେଖାଏଁ ଡିଫେଣ୍ଡ କରିଥିବା ବେଳେ ଯୋଦ୍ଧାସ ଆଟାକ୍‌ରୁ ୧୪ ପଏଣ୍ଟ ଅର୍ଜନ କରିଥିଲେ।

# ଭାରତ-ଅଷ୍ଟ୍ରେଲିଆ ଇସିଟିଏ ଚୁକ୍ତି : ଉଭୟ ପକ୍ଷ ଲାଭବାନ୍



**ଶ୍ରୀ ପୀୟୂଷ ଗୋୟଲ**
ଭାରତ ସରକାରଙ୍କ ବାଣିଜ୍ୟ, ଶିଳ୍ପ, ଖାଦ୍ୟ ଓ ସାଧାରଣ ବଣ୍ଟନ ବ୍ୟାପାର ମନ୍ତ୍ରୀ

ଭାରତ-ଅଷ୍ଟ୍ରେଲିଆ ଅର୍ଥନୀତିକ ସହଯୋଗ ଓ ବାଣିଜ୍ୟ ଚୁକ୍ତି(ଇସିଟିଏ) ଏକ ବର୍ଷ ପୂର୍ବରୁ କାର୍ଯ୍ୟକାରୀ ହୋଇଛି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦେଶର ସ୍ୱାର୍ଥସହ ଜଡ଼ିତ ଚୁକ୍ତିନାମାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ବର୍ତ୍ତମାନର କେନ୍ଦ୍ର ସରକାର କିପରି ସମ୍ପୃକ୍ତ ସବୁ ପକ୍ଷଙ୍କ ସହ ସବିଶେଷ ଆଲୋଚନା କରି ସେମାନଙ୍କ ସ୍ୱାର୍ଥରକ୍ଷା ଓ ଦେଶର ହିତ ପାଇଁ ଯୋଜନାବଦ୍ଧ ପଦକ୍ଷେପ ନେଉଛନ୍ତି। ଏହି ଚୁକ୍ତିରୁ ତାହା ସ୍ପଷ୍ଟ ସୂଚନା ମିଳେ । ଏହି ଅର୍ଥନୀତିକ ସହଯୋଗ ଓ ବାଣିଜ୍ୟଚୁକ୍ତି ଇସିଟିଏ ସ୍ୱାକ୍ଷରିତ ହୋଇ କାର୍ଯ୍ୟକାରୀ ହେବା ଫଳରେ ଭାରତର ଉଦ୍ୟୋଗ ଜଗତ ଏବଂ ସାଧାରଣ ଜନତା ବିଶେଷ ଉପକୃତ ହେଉଛନ୍ତି।

ଭାରତ ଓ ଅଷ୍ଟ୍ରେଲିଆ ଉଭୟ କ୍ରିକେଟ ପ୍ରେମୀ ଦେଶ। ଏହା ବ୍ୟତୀତ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଉତ୍ତମ। ଏହି ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଇସିଟିଏ ଚୁକ୍ତିଫଳରେ ଉଭୟ ଦେଶ ଲାଭବାନ ହୋଇଛନ୍ତି। ଆମ ଦେଶର ସ୍ୱାଧୀନତାର ଅମୃତକାଳରେ ଆମର ଆତ୍ମବିଶ୍ୱାସ ଓ ବୈଶ୍ୱିକ ଦୃଷ୍ଟିକୋଣ ଏହି ଚୁକ୍ତିରେ ପ୍ରତିଫଳିତ ହୋଇଛି। ଏହି ଚୁକ୍ତି ମଧ୍ୟ ଦୁଇ ସଂସଦୀୟ ଗଣତାନ୍ତ୍ରିକ ରଷ୍ଟ୍ରର ରଣକୌଶଳାତ୍ମକ ସମ୍ପର୍କକୁ ଅଧିକ ସୁଦୃଢ଼ କରିଛି। ଉଭୟ ଦେଶ ଆଇନର ଶାସନ ଓ ଏକ ପ୍ରକାର ନ୍ୟାୟିକ ବ୍ୟବସ୍ଥାରେ ବିଶ୍ୱାସ କରନ୍ତି। ଜାପାନ ଓ ଆମେରିକାକୁ ନେଇ ଗଠିତ ଚାରି ରାଷ୍ଟ୍ରୀୟ ସଂଗଠନ କ୍ୱାଡ୍‌ରେ ମଧ୍ୟ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ସଦସ୍ୟ। ଉଭୟ ଦେଶ ମଧ୍ୟ ତ୍ରିପାକ୍ଷିକ ଯୋଗାଣ ଶୃଙ୍ଖଳା ସୁଦୃଢ଼ୀକରଣ ପ୍ରୟାସ ବା ଏସ୍ ସିଆରଆଇର ସଦସ୍ୟ। ଏଥିରେ ଅନ୍ୟ ସଦସ୍ୟ ରାଷ୍ଟ୍ର ହେଲା ଜାପାନ । ଏହା ବ୍ୟତୀତ ଉଭୟ ଅଷ୍ଟ୍ରେଲିଆ ଓ ଭାରତ ୧୪ ସଦସ୍ୟ ବିଶିଷ୍ଟ ଭାରତ-ପ୍ରଶାନ୍ତ କ୍ଷେତ୍ର ଅର୍ଥନୀତିକ ସହଯୋଗ ବ୍ୟବସ୍ଥା ଆଇପିଏଫ୍‌ର ସଭ୍ୟ।

ଏକ ବିକଶିତ ମୁକ୍ତ ବାଣିଜ୍ୟ ଚୁକ୍ତି ଏଫ୍‌ଟିଏ ସ୍ୱାକ୍ଷର କରିବା ଭାରତ ପକ୍ଷରେ ଦୀର୍ଘ ଏକ ଦଶନ୍ଧୀରୁ ଅଧିକ ସମୟ ପରେ ପ୍ରଥମ ଘଟଣା। ଏହି ଚୁକ୍ତିର ଅଭୂତପୂର୍ବ ସାମର୍ଥ୍ୟ ରହିଛି। ଭାରତ ଅଷ୍ଟ୍ରେଲିଆରୁ ମୁଖ୍ୟତଃ କଞ୍ଚାମାଲ ଓ ମଧ୍ୟବର୍ତ୍ତୀ ସାମଗ୍ରୀ ଆମଦାନୀ କରିଥାଏ। ଭାରତ କିନ୍ତୁ ଅଷ୍ଟ୍ରେଲିଆକୁ ଉତ୍ପାଦିତ ପୂର୍ଣ୍ଣାଙ୍ଗ ଜିନିଷପତ୍ର ଓ ସାମଗ୍ରୀ ରପ୍ତାନୀ କରେ। ଏହା ଫଳରେ ଏଫ୍‌ଟିଏ ଭାରତୀୟ ଉଦ୍ୟୋଗୀଙ୍କ ବିନିଯୋଗ ଜନିତ ବ୍ୟୟକୁ ହ୍ରାସ କରିଛି। ଏହା ଦ୍ୱାରା ଭାରତୀୟ ସାମଗ୍ରୀ ରପ୍ତାନୀ କରେ। ଏହା ଫଳରେ ଏଫଟିଏ ଭାରତୀୟ ଉଦ୍ୟୋଗୀଙ୍କ ବିନିଯୋଗଜନିତ ବ୍ୟୟକୁ ହ୍ରାସ କରିବ । ଏହା ଦ୍ୱାରା ଭାରତୀୟ ସାମଗ୍ରୀ ଉଭୟ ଦେଶୀ ଓ ବିଦେଶୀ ବଜାରର ମୂଲ୍ୟ ଦୃଷ୍ଟିରୁ ଅଧିକ ପ୍ରତିଯୋଗିତାମୂଳକ ହୋଇ ଏହାର ଚାହିଦା ଏବଂ ବିକ୍ରିବଟା ବୃଦ୍ଧି ପାଇବ। ଏହା ମଧ୍ୟ ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକୁ ନିଜର ବ୍ୟବସାୟ ବଢ଼ାଇବାକୁ ଉତ୍ତମ ସୁଯୋଗ ପ୍ରଦାନ କରିବ।

**ଦୃଢ଼ ରପ୍ତାନୀ ଅଭିବୃଦ୍ଧି :-** ପରିସଂଖ୍ୟାନ ତଥ୍ୟାବଳୀ କହୁଛି ଯେ ଏହି ଇଣ୍ଡ ଅସ୍ ଇସିଟିଏ ବା ଇଣ୍ଡିଆ, ଅଷ୍ଟ୍ରେଲିଆ ଓ ଇସିଟିଏର ଆରମ୍ଭ ବେଶ୍ ପ୍ରତିଶ୍ରୁତିମୂଳକ ଥିଲା। ଶ୍ରମିକ ବହୁଳ ଉଦ୍ୟୋଗରେ ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ମୋଦୀ ସରକାରଙ୍କ ଯୋଜନା ଓ ପ୍ରୟାସକୁ ଏହା ବିଶେଷ ସହାୟକ ହୋଇଛି। ଏହି ଚୁକ୍ତି ଫଳରେ ଭାରତୀୟ ଉତ୍ପାଦ ଓ ସମାଗ୍ରୀ ୧୦୦ ଶତାଂଶ ଶୁଳ୍କ ମୁକ୍ତ ହୋଇ ପ୍ରକାଣ୍ଡ ଅଷ୍ଟ୍ରେଲୀୟ ବଜାରରେ ପ୍ରବେଶ କରିବାର ସୁଯୋଗ ପାଇଛି।

୨୦୨୩-୨୪ରେ ଅଷ୍ଟ୍ରେଲିଆକୁ ଭାରତର ସାମଗ୍ରୀ ରପ୍ତାନୀ ୧୪ ଶତାଂଶ ବଢ଼ିଥିଲା। ଏକ ଆହ୍ୱାନମୂଳକ ବୈଶ୍ୱିକ ପରିବେଶରେ ଭାରତ ଅନ୍ୟାନ୍ୟ ଦେଶକୁ ଯେତେ ସାମଗ୍ରୀ ରପ୍ତାନୀ କରୁଛି ସେ ତୁଳନାରେ ଅଷ୍ଟ୍ରେଲିଆକୁ କରୁଥିବାର ରପ୍ତାନୀ ଯଥେଷ୍ଟ ଭଲ। ଏବେ ବିଶ୍ୱର ବଡ଼ବଡ଼ ଅର୍ଥନୀତିକ ଶକ୍ତିର ବଜାର ସଂକୁଚିତ। ଅଷ୍ଟ୍ରେଲିଆର ମୋଟ୍ ଆମଦାନୀ ମଧ୍ୟ ଶତାଂଶ କମିଛି। ଏହା ସତ୍ତ୍ୱେ ଭାରତରୁ ଅଷ୍ଟ୍ରେଲିଆର ଆମଦାନୀ ଭଲ ବଢ଼ିଛି। ଅପରପକ୍ଷରେ ଅଷ୍ଟ୍ରେଲିଆରୁ ଭାରତ ଆମଦାନୀ ୧୯ ଶତାଂଶ ହ୍ରାସ ପାଇଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ନିଅଣ୍ଟ ୩୯ ଶତାଂଶ କମିଛି।

ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ରରେ ଅଷ୍ଟ୍ରେଲିଆକୁ ଭାରତ ରପ୍ତାନୀ ପସନ୍ଦଯୋଗ୍ୟ ବର୍ଗରେ ଖୁବ୍ ଭଲ ବଢ଼ିଛି। ଅଷ୍ଟ୍ରେଲିଆକୁ ଭାରତ ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନୀ ୨୦୨୩-୨୪ ଏପ୍ରିଲ-ଅକ୍ଟୋବରରେ ୨୪ ଶତାଂଶ ବଢ଼ିଥିଲା। ତେବେ ମୋଟ ରପ୍ତାନୀ ପରିମାଣ ୨୭ ଶତାଂଶ ବଢ଼ିଛି। ତେବେ ଏ କ୍ଷେତ୍ରରେ ସାମଗ୍ରୀକ ରପ୍ତାନୀ କମିଛି। ଏସିଟିଏ ଯୋଗୁଁ ଅଷ୍ଟ୍ରେଲିଆକୁ ଭାରତର ଇଲେକ୍‌ଟ୍ରୋନିକ୍ସ ଓ ପ୍ଲାଷ୍ଟିକ ସାମଗ୍ରୀ ରପ୍ତାନୀ ବୃଦ୍ଧି ପାଇଛି।

ଆହୁରି ମଧ୍ୟ ଭାରତ ଅଷ୍ଟ୍ରେଲିଆକୁ ୭୦୦ ନୂଆ ଜିନିଷ ରପ୍ତାନୀ କରୁଛି। ଏହାର ମୋଟ୍ ପରିମାଣ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ୧୦ ମାସରେ ଥିଲା ୩୩୫ ନିୟୁତ ଆମେରିକୀୟ ଡଲାର। ଏଥିରେ ୬୫ ନିୟୁତ ଡଲାର ମୂଲ୍ୟର ସ୍ମାର୍ଟଫୋନ୍ ରପ୍ତାନୀ ଅନ୍ତର୍ଭୁକ୍ତ। ଅନ୍ୟାନ୍ୟ ନୂଆ ସାମଗ୍ରୀ ମଧ୍ୟରେ ଅଳଙ୍କାର ଓ ରତ୍ନପଥର, ଲାଇଟ୍ ଅଏଲ, ଅଣଶିଳ୍ପ ହୀରା ଓ ଅଣସିଲ୍କ ସ୍କାର୍ଟ ଓ ପୋଷାକ।

**ଏଫ୍‌ଡିଆଇରେ ବଡ଼ ସଫଳତା :** ଆମର ବାଣିଜ୍ୟ ଅଂଶୀଦାରମାନେ ସ୍ୱୀକାର କରନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଅର୍ଥନୀତିକୁ ପ୍ରଶଂସନୀୟ ଭାବେ ଆଗକୁ ବଢ଼ାଇଛନ୍ତି। ଏହା ଫଳରେ ଏକ ଅସ୍ଥିର ବିଶ୍ୱରେ ଭାରତ ଏକ ଉଜ୍ଜ୍ୱଳ ସ୍ଥାନ ଭାବେ ନିଜର ପରିଚୟ ଜାହିର କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ୨୦୪୭ ସୁଦ୍ଧା ବିଶ୍ୱର ଏକ ଅନ୍ୟତମ ବିକଶିତ ଦେଶରେ ପରିଣତ ହେବାକୁ ଠିକ୍ ରାସ୍ତାରେ ଗତି କରୁଛି। ଆମର ବାଣିଜ୍ୟ ଅଂଶୀଦାରମାନେ ଭାରତର ଏହି ସାମର୍ଥ୍ୟକୁ ସ୍ୱୀକାର କରୁଛନ୍ତି। କୃଷି ଓ ଦୁଗ୍ଧ ଉତ୍ପାଦନ ଭଳି ଆମର ସମ୍ବେଦନଶୀଳ କ୍ଷେତ୍ରର ସୁରକ୍ଷା ପାଇଁ ରହିଥିବା ଆମ ଉଦ୍‌ବେଗ ଓ ଚିନ୍ତାକୁ ସେମାନେ ସମ୍ମାନ ଦିଅନ୍ତି।

ଇଣ୍ଡ ଅସ୍ ଇସିଟିଏ, ଭାରତର ଅଭିବୃଦ୍ଧି ଧାରା, ପୁଞ୍ଜିନିବେଶ ଅନୁକୂଳ ପରିବେଶ ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଦି ଭାରତୀୟ ବଜାରକୁ ଅଷ୍ଟ୍ରେଲୀୟ ବ୍ୟବସାୟୀ ଓ ଉଦ୍ୟୋଗୀଙ୍କୁ ଅଧିକ ଆପର୍ଷିତ କରୁଛି।

ଚଳିତ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ଭାରତରେ ଅଷ୍ଟ୍ରେଲିଆର ପୁଞ୍ଜିପତି ଓ ନିବେଶକମାନେ ୩୦୭.୨ ନିୟୁତ ଡଲାର ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରିଛନ୍ତି। ସମଗ୍ର ୨୦୨୨ ବର୍ଷ ତୁଳନାରେ ଏହି ନିବେଶ ପରିମାଣ ସାତଗୁଣ ଅଧିକ। କନ୍‌ସଲଟାନ୍ସି ସର୍ଭିସ୍‌ରେ ଏଫଡିଆଇ ନିବେଶ ପରିମାଣ ୨୪୮ ନିୟୁତ ଡଲାରକୁ ବୃଦ୍ଧି ପାଇଛି। ୨୦୨୨ରେ ଏହା ଥିଲା ମାତ୍ର ୦.୧୫ ନିୟୁତ ଡଲାର।

ସେବା କ୍ଷେତ୍ରରେ ବିଶେଷ ଅଭିବୃଦ୍ଧି ଘଟିଛି। ଭାରତର ଆଇଟି ଓ ବ୍ୟାବସାୟିକ ସେବା ଉତ୍ତମ ଅଭିବୃଦ୍ଧି ଧାରା ବଜାୟ ରଖିଛି। ଇସିଟିଏର ପ୍ରଭାବ ଅଷ୍ଟ୍ରେଲିଆ ସହିତ ହୋଇଥିବା ଭାରତର ଅନ୍ୟାନ୍ୟ ଦ୍ୱିପାକ୍ଷିକ ଚୁକ୍ତି ଉପରେ ବଧ ଅନୁକୂଳ ପ୍ରଭାବ ପକାଇଛି। ଏସବୁ କ୍ଷେତ୍ର ହେଲା ଶିକ୍ଷା, ଦୃଶ୍ୟଶ୍ରାବ ସେବା ଓ ଗତିଶୀଳତା ବା ମବିଲିଟି। ବ୍ୟାବସାୟିକ ଆତଜାତରେ ୫୦ ଶତାଂଶ ଓ ପାଠପଢ଼ା ପରବର୍ତ୍ତୀ ଗମନାଗମନ ପାଇଁ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଶତ ପ୍ରତିଡ ଭିସା ମିଳୁଛି।

ଭାରତୀୟ ଆଇଟି ଉଦ୍ୟୋଗ ଇସିଟିଏ ସ୍ୱାକ୍ଷର ହେବା ପରେ ଦ୍ୱୈତ ଟିକସ ବ୍ୟବସ୍ଥାରୁ ମୁକ୍ତ ହୋଇଥିଲା। ଏହା ଫଳରେ ଏହି ଉଦ୍ୟୋଗ ଏକ ବାଧାମୁକ୍ତ ପରିବେଶରେ ପ୍ରତିଯୋଗିତା କରିବାର ସୁଯୋଗ ପାଇଛି। କେତେକ ଉଦ୍ୟୋଗଗତ ଆକଳନ ଅନୁସାରେ ଦ୍ୱୈତ ଟିକସ ଅବସାନ ଫଳରେ ଭାରତୀୟ ଆଇଟି ଉଦ୍ୟୋଗ ହଜାର ହଜାର କୋଟି ଡଲାର ବଞ୍ଚାଇ ପାରିଛି। ଅଷ୍ଟ୍ରେଲିଆରେ ନିଜର ଉପସ୍ଥିତି ବଢ଼ାଇବା ପାଇଁ ଏମ୍‌ଏସ୍‌ଇଗୁଡ଼ିକୁ ଆଇଟି କ୍ଷେତ୍ରରେ ସୁଯୋଗ ଦେବାକୁ 'ନାସ୍‌କମ୍' ବ୍ୟବସ୍ଥା ଗ୍ରହଣ କରୁଛି।

**ବାଣିଜ୍ୟ ଚୁକ୍ତିରେ ନୂଆ ଆଭିମୁଖ୍ୟ :** 'ଇଣ୍ଡ ଅସ୍ ଇସିଟିଏ' ବା ଇଣ୍ଡିଆ-ଅଷ୍ଟ୍ରେଲିଆ ଇସିଟିଏ ଢଙ୍ଗରେ ଗତବର୍ଷ ଭାରତ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ସ୍ୱାକ୍ଷର କରିବା ପୂର୍ବରୁ ଭାରତ ସବୁ ସମ୍ପୃକ୍ତ ପକ୍ଷଙ୍କ ସହିତ ବ୍ୟାପକ ବିଚାରବିମର୍ଶ କରିଥିଲା। ଜାତୀୟ ଓ ଆଞ୍ଚଳିକ ଶିଳ୍ପ ବଣିକ ସଂଘ, ରପ୍ତାନୀକାରୀ, ଉଦ୍ୟୋଗ ଭିତ୍ତିକ ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଅର୍ଥନୀତିଜ୍ଞ, ବାଣିଜ୍ୟ ବିଶେଷଜ୍ଞ, ବିଭିନ୍ନ ମନ୍ତ୍ରଣାଳୟ ଓ ଘରୋଇ ବିଭାଗର ମତାମତ ଗ୍ରହଣ କରାଯାଇଥିଲା। ଅଷ୍ଟ୍ରେଲିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ଭାରତ ସ୍ୱାକ୍ଷର କରିଥିବା ଦୁଇଟିଯାକ ମୁକ୍ତ ବାଣିଜ୍ୟ ଚୁକ୍ତି ଓ ଏଫ୍‌ଟିଏକୁ ଉଦ୍ୟୋଗ ଜଗତର ନେତାମାନେ ସ୍ୱାଗତ କରିଛନ୍ତି। ପୂର୍ବରୁ ସ୍ୱାକ୍ଷରିତ ଏଫଟିଏଠାରୁ ଏ ଦୁଇଟି ଏଫ୍‌ଟିଏରେ ବିଭିନ୍ନ ସମ୍ପୃକ୍ତ ପକ୍ଷଙ୍କ ସହ ବ୍ୟାପକ ଆଲୋଚନା ଓ ପରାମର୍ଶ ଅଧିକ କରାଯାଇଥିଲା।

ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଏ କ୍ଷେତ୍ରରେ ଅତ୍ୟନ୍ତ ସ୍ପଷ୍ଟ। ଯେକୌଣସି ନୀତିର ପ୍ରଣୟନ ବା ଚୁକ୍ତି ସ୍ୱାକ୍ଷରରେ ଦେଶରେ ଜନତା ଓ ରାଷ୍ଟ୍ରର ସ୍ୱାର୍ଥକୁ ଅଗ୍ରାଧିକାର ଦେବା ଉପରେ ଗୁରୁତ୍ୱ ଦେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସେହି ବିଚାରକୁ ମନରେ ରଖି ଆମେ ମରିସସ୍, ଅଷ୍ଟ୍ରେଲିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛୁ। ଭବିଷ୍ୟତରେ ଅନ୍ୟ ଯେଉଁ ଦେଶ ସହିତ ମୁକ୍ତ ବାଣିଜ୍ୟ କାରବାର ଚୁକ୍ତି ସ୍ୱାକ୍ଷରିତ ହେବ ସେଥିରେ ଆମ ଦେଶ ଓ ଜନତାଙ୍କ ସ୍ୱାର୍ଥ ଅଗ୍ରାଧିକାର ପାଇବ।

ଆମ ବ୍ୟବସାୟ ବାଣିଜ୍ୟକୁ ପ୍ରତିଯୋଗିତାକ୍ଷମ କରିବା ସହିତ ସେଥିପାଇଁ ନୂଆ ମାର୍କେଟ ଖୋଲିବାରେ ଆମେ ନ୍ୟାୟୋଚିତ ସ୍ୱଚ୍ଛ, ଉଭୟ ପକ୍ଷଙ୍କ ପାଇଁ ଲାଭଦାୟକ ଚୁକ୍ତିନାମା କରିବାକୁ ଆଗ୍ରହୀ। ଇତିମଧ୍ୟରେ ଆମେ ଯେଉଁ ସବୁ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛୁ ତାହା ଭାରତର ବାଣିଜ୍ୟ, ବ୍ୟବସାୟ ଓ ଅର୍ଥନୀତିକ ଅଭିବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଏହା ଦ୍ୱାରା ଅଧିକ ନିଯୁକ୍ତି ଓ ବ୍ୟବସାୟ, ସୁଯୋଗ ସୃଷ୍ଟି ହୋଇଛି। ଅଷ୍ଟ୍ରେଲିଆ ସହିତ ସ୍ୱାକ୍ଷରିତ ଚୁକ୍ତି ଦ୍ୱାରା ଉଭୟପକ୍ଷ ଲାଭବାନ ହୋଇଛନ୍ତି।







ଭୁବନେଶ୍ୱର : ବିମାନବନ୍ଦର ଛକ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)





ଭୁବନେଶ୍ୱର : ଇଂରାଜୀ ନବବର୍ଷ ଅବସରରେ ଶ୍ରୀରାମମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ଓ ପୂଜାର୍ଚ୍ଚନା । (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜାପାନରେ ଭୂକମ୍ପ ...

ପାୱାର କମ୍ପାନୀ (ଟେପ୍କୋ) ପକ୍ଷରୁ କୁହାଯାଇଛି ଯେ ନିଗାଟାରେ ଥିବା ବିଶ୍ୱର ସର୍ବବୃହତ ପରମାଣୁ ଶକ୍ତି କେନ୍ଦ୍ର କାଶୀୱାଜାକି-କାରିୱା ନିକଟରେ ୦.୪ ମିଟର (ପ୍ରାୟ ୧.୩ ଫୁଟ) ଉଚ୍ଚତାର ଲହରୀ ରେକର୍ଡ କରାଯାଇଛି । ତେବେ ବର୍ତ୍ତମାନ କୌଣସି ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଫୁକୁଇ ପ୍ରିଫେକ୍ଚର ସେଫ୍ଟି କମିଟି କହିଛି ।

## ବହୁପ୍ରତୀକ୍ଷିତ ...

ଜାରି ରହୁ, ମହାପ୍ରଭୁଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା। ବିକାଶର ପର୍ବ ଆପଣମାନଙ୍କ ସହଯୋଗରେ ଆହୁରି ଆଗକୁ ବଢୁ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମେଟ୍ରୋ ରେଳର ଏହି ପ୍ରଥମ ପର୍ଯ୍ୟାୟ ଭୁବନେଶ୍ୱର ଏୟାରପୋର୍ଟରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ନିର୍ମାଣ କରାଯିବ। ୨୬ କି.ମି. ଏହି ପ୍ରକଳ୍ପରେ ୨୦ଟି ଷ୍ଟେସନ ରହିବ ଓ ଏଥିପାଇଁ ୬୨୫୫.୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୫-ଟି ଉପକ୍ରମରେ ଏହା ରାଜ୍ୟର ଏକ ଫ୍ଲାଗସିପ ପ୍ରକଳ୍ପ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକଳ୍ପର ସମସ୍ତ ଖର୍ଚ୍ଚ ବହନ କରାଯିବ ବୋଲି ପ୍ରକାଶକରି ସେ କହିଲେ ଯେ ଓଡ଼ିଶା ଇତିହାସରେ ଭିତ୍ତିଭୂମି କ୍ଷେତ୍ରରେ ଏହା ସବୁଠାରୁ ବଡ ନିବେଶ। ଶେଷରେ ସେ କହିଥିଲେ ଯେ ମେଟ୍ରୋ ରେଳକୁ ଖୋର୍ଦ୍ଧା, ପୁରୀ ଓ କଟକ ସହରକୁ ସଂପ୍ରସାରଣ କରିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏକ ନୂଆ ଓଡିଶା ସଶକ୍ତ ଓଡିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସୋମବାର ପ୍ରଥମେ ଭୁବନେଶ୍ୱର ଏୟାରପୋର୍ଟ ଛକରୁ ବାରଙ୍ଗ ରତାଗଡ ପର୍ଯ୍ୟନ୍ତ ରୋଡ ସୋ'ରେ ଆସି ସେଠାରେ ମେଟ୍ରୋ ପ୍ରକଳ୍ପ ପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ଏୟାରପୋର୍ଟ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସେ ରୋଡ୍-ସୋ'ରେ ଯାଇ କ୍ୟାପିଟାଲ ହସ୍ପିଟାଲ ଛକ, ୧୨୦ ବ୍ୟାଟାଲିୟାନ, ଜୟଦେବ ବିହାର ଛକ, ଜାଭିୟର ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଇଣ୍ଡିଆନ ଅଏଲ ଛକ, କିଟ୍ ଛକ, ନନ୍ଦନ ବିହାର ଓ ରଘୁନାଥପୁରଠାରେ ଉପସ୍ଥିତ ଜନତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନନ୍ଦନକାନନ ଛକରେ ବିଜୁ ପଟ୍ଟନାୟକଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସେଠାରୁ ସେ ବାରଙ୍ଗ ଛକ ଓ ଫୁଲପୋଖରୀ ଛକରେ ଲୋକଙ୍କୁ ଶୁଭେଚ୍ଛା ଜଣାଇ ବାରଙ୍ଗ ରତାଗଡଠାରେ ପହଞ୍ଚି ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ ଏବଂ ଶେଷରେ ସାଧାରଣ ସଭାରେ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଅପ୍ରେଲ ପହିଲାରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଏହି ମେଟ୍ରୋ ରେଲ୍ ପ୍ରକଳ୍ପ ଆରମ୍ଭ କରିବା ସମ୍ପର୍କରେ ଘୋଷଣା କରିଥିଲେ। ଅକ୍ଟୋବର ୨୯ ରେ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ତ୍ରିଶୂଳିଆ ଯାଇ ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ୨୦୨୩ ନଭେମ୍ବର ୧୪ ତାରିଖରେ ଏହି ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରିଥିଲେ। ଅନୁମୋଦନ ମିଳିବାର ମାତ୍ର ୪ ମାସ ମଧ୍ୟରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇ ସୋମବାର ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରାଗଲା। ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ଓ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ ଯେ ଟେମ୍ପଲ ସିଟି ଭୁବନେଶ୍ୱରରୁ ପୁରୁଣା ରାଜଧାନୀ କଟକକୁ ମେଟ୍ରୋ ରେଳ ଚଳାଚଳ ପାଇଁ ରାଜ୍ୟବାସୀଙ୍କର ବହୁ ପ୍ରତୀକ୍ଷିତ ସ୍ୱପ୍ନ ଥିଲା । ଆଜି ଏହି ପ୍ରକଳ୍ପ ମାଧ୍ୟମରେ ତାହା ପୂରଣ ହେଲା। ସହରୀକରଣ, ଗମନାଗମନ ସହିତ ଲୋକମାନଙ୍କୁ ଏହା ସବୁ କ୍ଷେତ୍ରରେ ସାହାଯ୍ୟ କରିବ। ଅନ୍ୟତମ ଅତିଥିଭାବେ ଯୋଗଦେଇ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଏହି ପ୍ରକଳ୍ପ ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଉଛି। ଏହି ପ୍ରକଳ୍ପ କଟକ ଭୁବନେଶ୍ୱର ସହିତ ସମଗ୍ର ଓଡିଶାପାଇଁ ଗର୍ବ ଗୌରବର ପ୍ରତୀକ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ ଏହି ପ୍ରକଳ୍ପ ମାଧ୍ୟମରେ ଆମର ଟ୍ରାଫିକ ସମସ୍ୟା ଦୂରହୋଇ ଗମନାଗମନ କ୍ଷେତ୍ରରେ ଉନ୍ନତି ଆସିବା ସହିତ ରୋଜଗାର ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇ ଆମକୁ ଏକ ମଡର୍ଣ୍ଣ ଲୁକ୍ ଦେବ। ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇଥିଲେ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କଟକ ସଦର ବିଧାୟକ ଚନ୍ଦ୍ରଶେଖର ସାରଥି ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହେଉଥିବା ଏହି ମେଟ୍ରୋ ପ୍ରକଳ୍ପ ପାଇଁ ଆଜିର ଦିନଟି ଏବଂ ମୁଖ୍ୟମନ୍ତ୍ରୀଙ୍କ ନାଁ ଓଡିଶା ଇତିହାସରେ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ବୋଲି କହିଥିଲେ। ଦିଲ୍ଲୀ, ମୁମ୍ବାଇ ଚେନ୍ନାଇ ପରି ଆମର ମଧ୍ୟ ସ୍ୱପ୍ନ ଥିଲା ଓଡିଶାରେ ମେଟ୍ରୋ ପାଇଁ ଆମର ସ୍ୱପ୍ନକୁ ସାକାର କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ଆଜି ଓଡିଶା କୌଣସି କ୍ଷେତ୍ରରେ ଅବହେଳିତ ହୋଇରହିନାହିଁ ବୋଲି ସେମାନେ କହିଥିଲେ । କଟକ ମେୟର ସୁବାସ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟରେ କୋଭିଡ ...

ଅଛନ୍ତି, ମେଡିକାଲରେ କେହି ନାହାଁନ୍ତି । ତେଣୁ ଆତଙ୍କିତ ହେବାର ନାହିଁ। ଆଗକୁ ବଢିବା ନେଇ ସ୍ଥିତି ଅନୁଧ୍ୟାନ କରାଯାଉଛି । ଜାତୀୟସ୍ତରୀୟ ତଥ୍ୟ ଅନୁସାରେ ଯେଉଁମାନେ ଆକ୍ରାନ୍ତ ହେଉଛନ୍ତି ୯୨% ରୁ ଊର୍ଦ୍ଧ୍ୱ ହୋମ ଆଇସୋଲେସନରେ ଅଛନ୍ତି, ଆଉ ଯେଉଁମାନେ ମେଡିକାଲରେ ଆଡମିଟ ହେଉଛନ୍ତି ଓ ମେଜରିଟି ଡେଥ ମଧ୍ୟ କୋମଅର୍ବିଟ କଣ୍ଡିସନ ପାଇଁ ହୋଇଛି । କୋଭିଡ ପାଇଁ ମେଡିକାଲରେ ଆଡମିଟ ହେବା ବହୁତ କମ ବଢିବ ନ ବଢିବ ଏବେ କହିହେବନି। ସ୍ଥିତି ଉପରେ ନଜର ରଖାଯାଇଛି । ଯଦି ବଢେ, ତେବେ ଭୟାବହତା ଆଶଙ୍କା କମ୍।

## ଜାନୁଆରୀ ୬ରୁ ...

ହସ୍ପିଟାଲରେ ନିର୍ଦ୍ଧାରିତ ଗୁରୁତର ଅର୍ଥାତ କ୍ରିଟିକାଲ ରୋଗଗୁଡିକ ଲାଗି ଦେୟମୁକ୍ତ ଚିକିତ୍ସା ପାଇପାରିବେ । ବିଏସକେୱାଇ ନବୀନ କାର୍ଡରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟଙ୍କ ଲାଗି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ବ୍ୟବସ୍ଥା ରହିଛି। ହିତାଧିକାରୀମାନେ ଆସନ୍ତା ମେ ୧ ତାରିଖଠାରୁ ଏହି ସୁବିଧା ପାଇବେ। ହିତାଧିକାରୀମାନେ www.bskynabin.odisha.gov.in ପୋର୍ଟାଲରେ ଆବେଦନ କରିପାରିବେ।

## ନୂଆବର୍ଷରେ ...

ଜନସଂଖ୍ୟା ୮୦୦ କୋଟି ପାର ହୋଇଥିବା ନେଇ ମିଳିତ ଜାତିସଂଘ (ୟୁଏନ) ପକ୍ଷରୁ ଘୋଷଣା କରା ଯାଇଥିଲା। ଏହାକୁ ନେଇ ଆମେରିକା ବ୍ୟୁରୋ ପକ୍ଷରୁ କୁହାଯାଇଛି ଯେ ଜାତିସଂଘ ତଥ୍ୟ ଏହାଠାରୁ ଭିନ୍ନ କାରଣ। କିଛି ଦେଶରେ ଜନ୍ମ ଏବଂ ମୃତ୍ୟୁହାର ଗଣନା ପାଇଁ ସଠିକ ବ୍ୟବସ୍ଥା ନାହିଁ । ସୂଚନାଯୋଗ୍ୟ ଯେ ଏବେ ଜନସଂଖ୍ୟାରେ ଭାରତ ଆଗରେ ରହିଛି । ଏହା ପଛକୁ ଚୀନ୍, ଆମେରିକା, ଇଣ୍ଡୋନେସିଆ, ପାକିସ୍ତାନ, ନାଇଜେରିଆ, ବ୍ରାଜିଲ, ବାଂଲାଦେଶ, ରୁଷ ଏବଂ ମେକ୍ସିକୋ ରହିଛି।

## କୃଷ୍ଣ ଗହ୍ୱର ଅଧ୍ୟୟନ...

ଅତିରିକ୍ତ ଜ୍ଞାନ ହାସଲ କରିବେ। ସୂଚନାଯୋଗ୍ୟ, ତାରାଗୁଡ଼ିକରୁ ଇନ୍ଧନ ଶେଷ ହୋଇଗଲେ ସେମାନେ ଆପଣା ମଧ୍ୟାକର୍ଷ ବଳରେ ସଙ୍କୁଚିତ ହୋଇ ନଷ୍ଟ ହୋଇଯାଆନ୍ତି । ଫଳରେ ସେଥିରୁ କୃଷ୍ଣ ଗହ୍ୱର ଓ ନ୍ୟୁଟ୍ରନ ଷ୍ଟାର ନିର୍ଗତ ହୁଏ। ବିଶ୍ୱବ୍ରହ୍ମାଣ୍ଡରେ କୃଷ୍ଣ ଗହ୍ୱରର ମାଧ୍ୟାକର୍ଷଣ ଶକ୍ତି ସର୍ବାଧିକ ହୋଇଥିବା ବେଳେ ନ୍ୟୁଟ୍ରନ ଷ୍ଟାର୍‌ର ସାନ୍ଦ୍ରତା ସର୍ବାଧିକ ହୋଇଥାଏ।

## ପରମାଣୁ ପ୍ରତିଷ୍ଠାନର...

ପରମାଣୁ ପ୍ରତିଷ୍ଠାନ ଏବଂ ପ୍ରତିଷ୍ଠାନ ଉପରେ ଆକ୍ରମଣ ନିଷେଧ ଚୁକ୍ତି ଅନୁଯାୟୀ ଭାରତ ଏବଂ ପାକିସ୍ତାନ ସୋମବାର ନୂଆଦିଲ୍ଲୀ ଏବଂ ଇସଲାମାବାଦରେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ପରମାଣୁ ପ୍ରତିଷ୍ଠାନ ଏବଂ ସୁବିଧାଗୁଡ଼ିକର ତାଲିକା ଆଦାନ ପ୍ରଦାନ କରିଛନ୍ତି। ଏହି ଚୁକ୍ତି ୩୧ ଡିସେମ୍ବର ୧୯୮୮ରେ ସ୍ୱାକ୍ଷରିତ ହୋଇଥିଲା। ଏବଂ ୨୭ ଜାନୁଆରି ୧୯୯୧ରେ କାର୍ଯ୍ୟକାରୀ ହୋଇଥିଲା। ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷର ଜାନୁଆରି ପହିଲାରେ ଏହି ଚୁକ୍ତି ଅଧୀନରେ ଅନ୍ତର୍ଭୁକ୍ତ ହେବାକୁ ଥିବା ପରମାଣୁ ପ୍ରତିଷ୍ଠାନ ଏବଂ ସୁବିଧା ବିଷୟରେ ଦୁଇ ଦେଶ ପରସ୍ପରକୁ ଅବଗତ କରାଇବାକୁ ଏଥିରେ କୁହାଯାଇଛି।

## ନୂଆବର୍ଷରେ...

ଆସିଥିଲା ତ ଆଉ କିଏ ମୁଖ୍ୟ ରାସ୍ତାର ଦୁଇପଟରୁ ଲମ୍ବା ଲାଇନରେ ରହି ଦର୍ଶନ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ମନ୍ଦିର ଗୁଡିକରେ ବାହାରେ ଓ ଭିତର ପାଖରେ ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ହୋଇଥିଲେ।

## ରାଷ୍ଟ୍ରଫଳ...

ଆଶଙ୍କା। ରାଷ୍ଟ୍ରର ପଶ୍ଚିମଭାଗରେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ଚାଷୀମାନଙ୍କର ଆନ୍ଦୋଳନ ପ୍ରାୟତଃ ଲାଗି ରହିବ। ଦେଶର ପୂର୍ବ ଭାଗରେ ଭୂକମ୍ପ ତଥା ବାତ୍ୟା କାରଣରୁ ଧନଜୀବନ କ୍ଷୟ ହେବ। ସମୁଦ୍ରତଟୀୟ ଅଞ୍ଚଳରେ ଲଘୁଚାପ ଜନିତ କ୍ଷୟକ୍ଷତିର ଆଶଙ୍କା, ଦେଶର ବିଭିନ୍ନ ସ୍ଥାନରେ ଥିବା ଶାସକ ଦଳମାନେ ପରସ୍ପର କଳହରେ ମତ୍ତ ହେବେ। କେତେକ ରାଜନୈତିକ ଦଳମାନେ କଠିନ ପରିସ୍ଥିତି ମଧ୍ୟ ଦେଇ ଗତି କରିବେ। ବମ୍ ବିସ୍ଫୋଟ ସହିତ ପରସ୍ପର ମଧ୍ୟରେ ସାଂପ୍ରଦାୟିକ ଦଙ୍ଗାର ସମ୍ଭାବନା। ମୌସୁମୀର ପରିବର୍ତ୍ତନ ପରିସ୍ଥିତିର ସାମ୍ନା କରିବାକୁ ପଡିବ। କେତେକ ଅଞ୍ଚଳରେ ସ୍ୱାଭାବିକ ବର୍ଷା ହେଲେ ମଧ୍ୟ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ହରିୟାଣା, ଉତ୍ତରପ୍ରଦେଶ, ଓଡ଼ିଶା ଆଦି ଅଞ୍ଚଳରେ ଗ୍ରୀଷ୍ମତାପ ପ୍ରାବଲ୍ୟତା ଅନୁଭବ ହେବ। ଆସାମ, ପଶ୍ଚିମବଙ୍ଗ, ବିହାର, କର୍ଣ୍ଣାଟକ ଆଦି ରାଜ୍ୟମାନଙ୍କରେ ଅଧିକ ବର୍ଷାର ସମ୍ଭାବନା। ବହୁସ୍ଥାନରେ ଜଳଗହଳ ଚାଷୀ କୂଳକୁ ହତାଶ କରିବ। ଶାସକ ଦଳ କଠୋର ପଦକ୍ଷେପ ନେଇ ଜନସାଧାରଣଙ୍କ ଆସ୍ଥାଭାଜନ ହେବେ। ବହୁ ଘାତପ୍ରତିଘାତ ମଧ୍ୟରେ ଶାସକ ଦଳ ସୁନିଶ୍ଚିତ ସଂଖ୍ୟାଗରିଷ୍ଠତା ହାସଲ କରିବେ। ନାରୀନିର୍ଯାତନା ବୃଦ୍ଧି ପାଇବ। ବିଜ୍ଞାନ, ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ଦେଶ ପ୍ରଶଂସିତ ହେବ। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବୃଦ୍ଧି ସାଧାରଣ ଜନତାଙ୍କୁ ବୋଝ ଭଳି ଲାଗିବ। ଦୁରାରୋଗ୍ୟ ବ୍ୟାଧି ବ୍ୟାପିବ। ପଥଦୁର୍ଘଟଣା ହେବା ସହିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଆକସ୍ମିକ ମୃତ୍ୟୁର ସମ୍ଭାବନା। ପାକିସ୍ତାନ ଓ ଚୀନ ସହିତ ଶତ୍ରୁତା ବଢିବ। ମହାକାଶ ବିଜ୍ଞାନରେ ଭାରତ ପ୍ରଶଂସିତ ହେବ।

**ଓଡ଼ିଶା :** ଆମ ରାଜ୍ୟରେ ଏ ବର୍ଷ ମଧ୍ୟମ ଫଳଦାୟୀ ହେବ। ପ୍ରାକୃତିକ ବିପର୍ଯ୍ୟୟରେ ସାମିଲ ହେବାର ଆଶଙ୍କା। ପଶ୍ଚିମାଞ୍ଚଳରେ ଅଶାନ୍ତିର ବାତାବରଣ ସୃଷ୍ଟି। ମାଓ ହିଂସାକୁ ଦମନ କଲେ ମଧ୍ୟ ସେମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବ। ପାଣିପାଗର ପରିବର୍ତ୍ତନ, କୃଷି ଆୟରେ ବାଧକ ସାଜିବ। ବିରୋଧୀମାନଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ଶାସକ ଦଳ ନିର୍ବାଚନରେ ଆଧିପତ୍ୟ ବଜାୟ ରଖିବ। ପଥ ଦୁର୍ଘଟଣା ସହିତ ନାରୀ ନିର୍ଯାତନା ବଢିବ। ଚୋରୀ, ଡକାୟତି ଓ ରାହାଜାନୀ ବୃଦ୍ଧି ପାଇବ। ମଇ ଓ ଜୁନ ମାସରେ ଅତ୍ୟଧିକ ଉତ୍ତାପ ବୃଦ୍ଧି ପାଇବ। ବର୍ଷାର ପରିମାଣ କମ୍ ହେବ। ରାଜ୍ୟର କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଗଲେ ମଧ୍ୟ ତାହା ଠିକ୍ ଭାବରେ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ନାହିଁ। ଜୁଲାଇରୁ ଅକ୍ଟୋବର ମଧ୍ୟରେ ବହୁ ଅଞ୍ଚଳ ଜଳାର୍ଣ୍ଣବ ହେବ। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟବସାୟିକ ମାନସିକତା ସାଧାରଣ ଲୋକଙ୍କୁ କ୍ଷତି ପହଞ୍ଚାଇବ। କେନ୍ଦ୍ରର ସହାୟତା ଯଥା ସମୟରେ ପ୍ରାପ୍ତ କରାଇବେ। ରାଜ୍ୟରେ ମହାମାରୀ ପ୍ରକୋପ ବିଶେଷ ରହିବ ନାହିଁ। କେତେକ ନେତା ଓ ପଦସ୍ଥ କର୍ମକର୍ତ୍ତା ନିଜର ଅପକର୍ମ ପାଇଁ ନିନ୍ଦିତ ହେବେ। ଓଡ଼ିଶାର ସ୍ୱାଭିମାନ ବଜାୟ ରହିବ। ସାମୟିକ ଶୋକାକୁଳ ପରିସ୍ଥିତିର ସମ୍ଭାବନା ଆଞ୍ଚଳିକ ବେଦଭୂମିର ବିକାଶରେ ଲୋକେ ଆନନ୍ଦିତ ହେବେ। ଲଘୁଚାପରେ ଉପକୂଳରେ କ୍ଷୟକ୍ଷତି, ରାଜନୈତିକ ନେତାମାନଙ୍କର ଆଧିପତ୍ୟ କ୍ଷୁଣ୍ଣ ହେବ। ଶ୍ରୀଜଗନ୍ନାଥଙ୍କ କୃପାରୁ ରାଜ୍ୟବାସୀ ବେଶ୍ କର୍ମତତ୍ପର ରହିବେ।

**ସାନବଜାର, ଯାଜପୁର ଟାଉନ୍**
**ମୋ : ୯୩୩୭୬୯୩୦୨୨**

# ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଶ୍ରମିକ ବିହାରରେ ନବ ବର୍ଷ ପାଳିତ

**ଅନୁଗୋଳ, ନ୍ୟୁଜ ବ୍ୟୁରୋ**

ହଜାର ହଜାର ସଂଖ୍ୟାରେ ଶ୍ରମଜୀବୀ ଏବଂ କର୍ମଚାରୀ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ଅନୁଗୋଳ ଠାରେ ଅବସ୍ଥିତ ଥିବା ଶ୍ରମିକ ବିହାରରେ ନବ ବର୍ଷ ୨୦୨୪ ପୂର୍ବ ସଂଧ୍ୟା ଉପଲକ୍ଷେ ଆୟୋଜିତ ଏକ ଚିତ୍ତାକର୍ଷକ ମ୍ୟୁଜିକାଲ ନାଇଟରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଜେଏସପି ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପଙ୍କଜ ମଲହାନ, ନିର୍ବାହୀ ନିର୍ଦ୍ଦେଶକ ଆଇରନ ଜୋନ ଶ୍ରୀ ଦାମୋଦର ମିତ୍ତଲ, ସିଏଚଆରଓ ଅନୁଗୋଳ ଶ୍ରୀ ଶୁଭଦୀପ ଖାନଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଯୋଗ ଦେବା ସହ ଶ୍ରମଜୀବୀ ଏବଂ କର୍ମଚାରୀଙ୍କସହ ଏହି ସାଂସ୍କୃତିକ ସନ୍ଧ୍ୟାକୁ ଉପଭୋଗ କରିଥିଲେ ।



ଏହି ସାଂସ୍କୃତିକ ସନ୍ଧ୍ୟା ପାଳନ ଅବସରରେ ୨୫୦ ଜଣ ଶ୍ରମଜୀବୀଙ୍କୁ ୨୦୨୩ ମସିହାରେ ସେମାନଙ୍କର ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ସମ୍ବର୍ଦ୍ଧିତ କରଯାଇଥିଲା ।

ଏହି ଅବସରରେ ଉପସ୍ଥିତ ଶ୍ରମଜୀବୀ ଏବଂ କର୍ମଚାରୀଙ୍କୁ ଶ୍ରୀ ପଙ୍କଜ ମଲହାନ, ଶ୍ରୀ ଦାମୋଦର ମିତ୍ତଲ, ଶ୍ରୀ ଶୁଭଦୀପ ଖାନ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସୁଖ ସମୃଦ୍ଧି ତଥା ନିରାପତ୍ତା ନିମନ୍ତେ କାମନା କରିଥିଲେ।

୫୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ବିହାର ନିବାସୀ , କର୍ମଚାରୀ ତଥା ପାର୍ଶ୍ୱବର୍ତ୍ତୀ ଗ୍ରାମର ଅଧିବାସୀ ଏହି ସାଂସ୍କୃତିକ ସନ୍ଧ୍ୟାକୁ ଉପଭୋଗ କରିବା ସହ ଆଗାମୀ ନବ ବର୍ଷ-୨୦୨୪ର ଶୁଭେଚ୍ଛା ଆଦାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ବିଜିନେସ ଏଚଆର ମୁଖ୍ୟ ଶ୍ରୀ ଶରତ କିଶୋର ପଣ୍ଡା ଧନ୍ୟବାଦ ପ୍ରଦାନ କରିବା ସହ ସମସ୍ତ ଅତିଥି, କାର୍ଯ୍ୟକ୍ରମ ପରିଚାଳନା କମିଟି ଏବଂ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏହି ସଫଳ ଆୟୋଜନ ନିମନ୍ତେ ଗଭୀର କୃତଜ୍ଞତା ଜଣାଇ ଥିଲେ ।

# ସାଇବର ଅପରାଧ ରୋକିବାକୁ କମିଶନରେଟ ପୋଲିସର ନୂଆ ମାଷ୍ଟର ପ୍ଲାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାଇବର ଅପରାଧ ରୋକିବାକୁ ନୂଆ ମାଷ୍ଟର ପ୍ଲାନ ଆପଣାଇବ କମିଶନରେଟ ପୋଲିସ। ଏଣିକି ପୋଲିସ ସହ କାମ କରିବେ ପବ୍ଲିକ୍ ଭଲ୍ୟୁଂଟିୟର। ନୂଆ ମାଷ୍ଟର ପ୍ଲାନ ନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି ଏହି ଅଭିଯାନରେ ବିଭିନ୍ନ ସଫ୍ଟୱେୟର କମ୍ପାନୀର ୨୫ ସାଇବର ଏକ୍ସପର୍ଟ ଯୋଡି ହୋଇଛନ୍ତି। ନିର୍ବାଚନ ବେଳେ ସୋସିଆଲ ମିଡ଼ିଆରେ ଭ୍ରମ ସୃଷ୍ଟି କରିବା ଉପରେ ନଜର ରହିବ। ଡାର୍କ ୱେବ ଓ ଡିପ୍ ଫେକ୍ ଭିଡିଓ ବିରୋଧରେ ଭିନ୍ନ ଭିନ୍ନ ଟିମ୍ କାମ କରିବେ। ସାଇବର ବିରୋଧରେ ତଦନ୍ତ ପାଇଁ ଗୋଟିଏ ଟିମ୍ ପୋଲିସକୁ ମଧ୍ୟ ଟ୍ରେନିଂ ଦିଆଯିବ। ଷ୍ଟ୍ରିଟ କ୍ରାଇମ ସହ ଅନ୍ତଃରାଜ୍ୟ ଲୁଟେରାଙ୍କୁ ଧରିବାକୁ ପୋଲିସ ନୂଆ ପ୍ଲାନ ପ୍ରସ୍ତୁତ କରୁଛି ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି।

# ନବବର୍ଷ ଅବସରରେ ବୃଦ୍ଧାଶ୍ରମରେ ଖାଦ୍ୟ ଓ କମ୍ବଳ ବଣ୍ଟନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନବ ବର୍ଷ ଅବସରରେ ସ୍ଥାନୀୟ ରଙ୍ଗବଜାର ସ୍ଥିତ ବିକାଶ ବୃଦ୍ଧାଶ୍ରମଠାରେ ରାଜଧାନୀ ୭୭ ଗ୍ରୁପ୍ ପକ୍ଷରୁ ଖାଦ୍ୟ ବଣ୍ଟନ ଓ କମ୍ବଳ ବଣ୍ଟନ କରାଯାଇଛି। ସ୍ୱେଚ୍ଛାସେବୀ ପ୍ରଭାତ କୁମାର ତ୍ରିପାଠୀ ଓ ପ୍ରଶାନ୍ତ କୁମାର ବେଉରିଆଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଅନ୍ୟ ସ୍ୱେଚ୍ଛାସେବୀମାନେ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିବାରେ ସହାୟତା କରିଥିଲେ। ଆଗାମୀ ଦିନରେ ଏଭଳି କାର୍ଯ୍ୟ ଜାରି ରଖିବା ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।


## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୪୧
ତିରୋଧାନ : ୨୩.୧୨.୨୦୨୩

୰ ଶାନ୍ତିଧାରା ଦାସ

ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶୋକ ସନ୍ତପ୍ତ :**
ପୁତ୍ର : କିଶୋର, ଉମେଶ, ପୁତ୍ରବଧୂ : କୁଇନା, ରୀତା, ଜୁଲି,
ଝିଅ : ଛବି, ଜ୍ୱାଇଁ-ହେମନ୍ତ, ନାତି, ନାତୁଣୀ, ଅଣନାତୁଣୀ ଓ ପରିବାରବର୍ଗ।
**୪୬୫, ଶହୀଦନଗର, ଭୁବନେଶ୍ୱର**


# ନୂଆବର୍ଷର ସମସ୍ତ ଦେବାଳୟରେ ଭକ୍ତଙ୍କ ଭିଡ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସୋମବାରଠୁ ଆରମ୍ଭ ହୋଇଛି ଇଂରାଜୀ ନୂଆବର୍ଷ । ଏହି ଅବସରରେ ରାଜ୍ୟର ସମସ୍ତ ମନ୍ଦିରରେ ଲୋକଙ୍କ ଭିଡ ଜମିଛି। ଶ୍ରୀମନ୍ଦିର ସମେତ କଟକ ଓ ଭୁବନେଶ୍ୱର ସହ ସାରା ରାଜ୍ୟର ପ୍ରମୁଖ ମନ୍ଦିରରେ ଭିଡ ଜମିଛି । ଲିଙ୍ଗରାଜ ମନ୍ଦିରରେ ସକାଳୁ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଭକ୍ତମାନେ ମନ୍ଦିର ଯାଇ ଶୁଭମନାସି ଆରମ୍ଭ କରିଥିଲେ ନିଜ ନିଜର ଦିନ। ଏହି ଅବସରରେ ଲିଙ୍ଗରାଜ ମନ୍ଦିରରେ ପଲିଥିନ, ପ୍ଲାଷ୍ଟିକ, ଗୁଟଖା ବ୍ୟାନ କରାଯାଇଛି। ନୂଆ ବର୍ଷରୁ ନୂଆ ନିୟମ ଲାଗୁ କରାଯାଇଛି। କଟକର ପ୍ରସିଦ୍ଧ ଚଣ୍ଡି ମନ୍ଦିର ସମେତ ଅନ୍ୟ ମନ୍ଦିରରେ ଭିଡ ଦେଖିବାକୁ ମିଳିଥିଲା । କଳାହାଣ୍ଡିର ଆରାଧ୍ୟ ଦେବୀ ମାଆ ମାଣିକେଶ୍ୱରୀଙ୍କ ନିକଟରେ ମଧ୍ୟ ପ୍ରବଳ ଗହଳି ଜମିଥିଲା। ନୂଆବର୍ଷରେ ଚଳଚଞ୍ଚଳ ହୋଇଉଠିଲା ତୁଳସୀ ଶ୍ରୀକ୍ଷେତ୍ର । ମହାପ୍ରଭୁ ବଳଦେବଜୀଉଙ୍କ ଦର୍ଶନ କରି ଧନ୍ୟ ମନେ କରିଛନ୍ତି ଭକ୍ତ। ସେହିପରି କୋରାପୁଟର ଶାବର ଶ୍ରୀକ୍ଷେତ୍ର ସହିତ ଗୁପ୍ତେଶ୍ୱରରେ ମଧ୍ୟ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବାଲେଶ୍ୱରର କ୍ଷୀରଚୋରା ଗୋପିନାଥ ମନ୍ଦିରରେ ମଧ୍ୟ ଶହ ଶହ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି । ନୂଆ ବର୍ଷରେ ଆଜି ସମଲେଶ୍ୱରୀଙ୍କୁ ଲାଗି ହୋଇଛି ନୂଆ ଚାନ୍ଦି ପ୍ରଭା। ଲୋକମାନେ ମନ୍ଦିରରେ ପହଞ୍ଚି ପରିବାରର ଶୁଭ ମନାସିଛନ୍ତି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
ANANDAPUR CANAL DIVISION, SALAPADA '
Email id : eeacd 2018@gmail.com
EXPRESSION OF INTEREST
EOI NO.-SEACD-EOI-02 of 2023-24

A-1114

| Procurement Officer | Name of work | EOI Ref. No | Tender cost in Lakhs (Appx) | EMD (online) | Cost of bid Document (Online) | Period of Completion | Availability of Bid on-line for bidding | | Date and time of opening of tender |
|---|---|---|---|---|---|---|---|---|---|
| | | | | | | | From | TO | |
| Superintending Engineer, Anandapur Canal Division, Salapada | Collection of Un-disturbed soil (USDS) samples through drill holes from RD 2.68km to 3.40 Km and from RD 6.81Km to 9.00 km of Baitarani Right Bank Canal (BRBC) | SEACD-EOI-02 of 2023-24 | 5.32 | 5320/- | 4000/- | 1(one) Calender Month | 04.01.2024 10.30AM | 18.01.2024 5.00 PM | 19.01.2024 11.30 AM |

Further details can be seen from the Govt Website www.tendersodisaha.gov.in/www.dowr.odisha gov.in
Addendum/corrigendum/cancellation if any required will be published in Govt website only
Sd/- Superintending Engineer
Anandapur Canal Division, Salapada
OIPR-32408/11/0004/2324

OFFICE OF THE EXECUTIVE ENGINEER
RWSS DIVISION, RAIRANGPUR
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION No. 49 RWSS/RRPUR- 2023-24 / Dated 30.12.2023

O-2052

The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following work from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.
1. Nature of work : - a) Execution of retrofitting PWS schemes to village Bhaliadal of Thakurmunda Block under RWS&S Division Rairangpur in the District of Mayurbhanj.
2. No. of packages : - 01 (One) no.
3. Period of Completion : 04(Four) months
4. Cost of tender : - 10000.00
5. Estimated cost :- ₹ 20.34 lakhs
6. Cost of EMD : -₹21000.00
7. Class of Contractor : - (As mentioned in Tender Call Notice)
8. Date and time of availability of bid documents in Portal : -from 10 hours of 06.01.2024 to 17.30 to hours of 22.01.2024
9. Receipt of bid cost, bid security, documents : - Online only
10. Date & time of opening of technical bid : - Dt. 24.01.2024 at 11.00 hours onwards.
11. Other Documents : - (As mentioned in DTCN)
12. The bidders have to participate in on-line bidding only. Further details can be seen from the website https:// www.tendersodisha.gov.in.
13. Any addendum / Corrigendum / Cancellation of tender can also be seen in the said website.

Executive Engineer
RWSS Division, Rairangpur
OIPR-25010/11/0015/2324

"e" Procurement Notice for Building Works
Identification No Online Tender/27/BPS/2023-24

i-568

1. Name of the Work : Development of Kabarstan for A taber Rehman Siripari in Deulidharapur (G.P under Balipatna Block.
2. Total Number of Works : 01 No
3. Estimated Cost : Rs. 9.94 lakhs.
4. Class of Contractor : D & Equivalent
5. Period of Completion : 03 Calendar Months
6. Availability of Tender Online for bidding : Dt.02.01.2024 at 03.00 P.M dt. 12.01.2024 at 5.00 PM
7. Last date & time of seeking Tender clarification : Dt.10.01.2024 at 5.00 PM
8. Date & time of opening of Tender : Dt 16.01.2024 at 11 AM
Further details can be seen from the website www.tendrodisha.gov.in

Block Development Officer
Balipatna
OIPR-19303/11/0010/2324

ସମ୍ବାଦ କଳିକା

ଭୁବନେଶ୍ୱର
୨ ଜାନୁଆରୀ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : 'ସମ୍ବାଦ କଳିକା' କାର୍ଯ୍ୟାଳୟରେ ବାର୍ତ୍ତା ସଂପାଦକ ଏସ୍.ଏ.କଲିମ୍‌ଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ସମ୍ପାଦକ ଜୟାଶୀଷ ରାୟଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛନ୍ତି । (ଫଟୋ : ସମ୍ବାଦ କଳିକା)

# ନବ ବର୍ଷରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ରାଜ୍ୟପାଳ

**ଭୁବନେଶ୍ୱର,୦୧/୨ ନ୍ୟୁଜ ବ୍ୟୁରୋ**

ରାଜ୍ୟପାଳ ରଘୁବର ଦାସ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଓଡ଼ିଶାବାସୀଙ୍କ ସୁଖ ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଛନ୍ତି । ନବବର୍ଷର ଶୁଭେଚ୍ଛା ଜଣାଇ ସେ କହିଛନ୍ତି ଯେ ପୁରୀ ହେଉଛି ଓଡ଼ିଶାର ଆଧ୍ୟାତ୍ମିକ ରାଜଧାନୀ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପୁରୀରେ ଭିତ୍ତିଭୂମିର ବିକାଶ କରୁଛନ୍ତି । ବିମାନ ବନ୍ଦର ନିର୍ମାଣ ହେଉଛି । ଆଗାମୀ ଦିନରେ ପୁରୀ ଆହୁରି ବିକଶିତ ହେବ। ସାରା ବିଶ୍ୱରେ ଐତିହ୍ୟ ଓ ପରମ୍ପରା ପାଇଁ ଆହୁରି ପ୍ରସିଦ୍ଧି ହାସଲ କରିବ। ଦେଶ ବିଦେଶରୁ ବହୁ ସଂଖ୍ୟାରେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଆସିବେ। ଆଧ୍ୟାତ୍ମିକ ଓ ସାଂସ୍କୃତିକ ପର୍ଯ୍ୟଟନ ବୃଦ୍ଧି ପାଇବ। ଫଳରେ ରାଜ୍ୟ ଅର୍ଥନୀତି ସମୃଦ୍ଧ ହେବା ସହ ମୂଲ୍ୟବାନ ବିଦେଶୀ ମୁଦ୍ରା ମିଳିବ। ଶ୍ରୀଜଗନ୍ନାଥ ଗରିବଙ୍କ ଦେବତା। ପ୍ରତ୍ୟେକ ଗରିବଙ୍କ ଜୀବନରେ ଶ୍ରୀ ଓ ସମୃଦ୍ଧ ପାଇଁ ପ୍ରାର୍ଥନା କରିବା ସହିତ ବିକଶିତ ଭାରତରେ ଓଡ଼ିଶା ବିକଶିତ ରାଜ୍ୟ ହେଉ ବୋଲି କହିଛନ୍ତି । ପରେ ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନ କରି ଶିଳ୍ପୀ ଓ କାରିଗରଙ୍କ ସହ ବାର୍ତ୍ତାଳାପ କରିଥିଲେ। କଳାକୃତିକୁ ଭୂୟସୀ ପ୍ରଶଂସା କରିବା ସହ ବିକ୍ରିବଟା ଓ ବଜାର ଚାହିଦା ସଂପର୍କରେ ପଚାରି ବୁଝିଥିଲେ।

# ପିକ୍‌ନିକ୍ ପାଇଁ ଆରଟିଓରୁ ନେବାକୁ ପଡିବ ସ୍ୱତନ୍ତ୍ର ଅନୁମତି

**ଭୁବନେଶ୍ୱର,୦୧/୧ ନ୍ୟୁଜ ବ୍ୟୁରୋ**

ଶୀତଋତୁ ବିଶେଷ କରି ପିକ୍‌ନିକ୍ ସମୟରେ ମାତ୍ରାଧିକ ଦୁର୍ଘଟଣା ଚିନ୍ତା ବଢାଇଛି। ଏଥିଲାଗି ଦୁର୍ଘଟଣା ଏଡ଼ାଇବାକୁ ଏସଓପି ଜାରି କରିଛି ପରିବହନ ବିଭାଗ। ଏସଓପି ଅନୁଯାୟୀ ମଦ୍ୟପାନ କରି ଗାଡି ଚଳାଇଲେ ଡ୍ରାଇଭରଙ୍କୁ ତୁରନ୍ତ ଗିରଫ କରାଯାଇ ତାଙ୍କ ଲାଇସେନ୍ସ ବାତିଲ କରାଯିବ। ଦୂର ଯାତ୍ରାକୁ ପିକନିକ ପାଇଁ ଗଲେ ଆସିଷ୍ଟାଣ୍ଟ ରଖିବାକୁ ପରାମର୍ଶ ଦିଆଯାଇଛି । ପିକନିକ୍ ଯାତ୍ରା ପାଇଁ ଯାନବାହନ ମାଲିକମାନଙ୍କୁ ସମ୍ପୃକ୍ତ ଆରଟିଓରୁ ସ୍ୱତନ୍ତ୍ର ଅନୁମତି ନେବା ଦରକାର। ପ୍ରତ୍ୟେକ ପିକନିକ୍ ସ୍ପଟ୍ ନିକଟରେ କର୍ମଚାରୀ ପରିବହନ ବିଭାଗ କର୍ମଚାରୀ ନିୟୋଜିତ ରହିବେ। ଯେଉଁ ଯାନଗୁଡ଼ିକର ଫିଟ୍‌ନେସ୍ ସାର୍ଟିଫିକେଟ୍ ବଳବତର ଅଛି, କେବଳ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପିକ୍‌ନିକ୍ ପାଇଁ ଅନୁମତି ମିଳିବ।

ସେହିପରି ପିକନିକ୍ ସ୍ପଟ ନିକଟରେ ପରିବହନ କର୍ମଚାରୀ ରହି ଯାଞ୍ଚକରିବେ। ପିକ୍‌ନିକ୍ ଗାଡ଼ିରେ ଦହନଶୀଳ ସାମଗ୍ରୀ ପରିବହନକୁ ବାରଣ କରାଯାଇଛି। ପିକ୍‌ନିକ୍ ଗାଡ଼ିରେ ରନ୍ଧନ ଗ୍ୟାସ ଓ ବାଣ ଯାଇଥିଲେ ପୋଲିସ୍ ବାରଣ କରିବ। ଏହା ସହ ପିକ୍‌ନିକ୍ ଗାଡ଼ିରେ ଓଭରଲୋଡିଂ ଉପରେ ନଜର ରଖାଯିବ। ପ୍ରମୁଖ ପିକନିକ୍ ସ୍ପଟ୍ ଗୁଡିକରେ ଦୁର୍ଘଟଣା ଜନିତ ସଚେତନତା କରାଯିବ। ପରିବହନ ବିଭାଗ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହିତ ସହଯୋଗ କରିବ ଏବଂ ପିକନିକ୍ ସ୍ପଟ୍ ଗୁଡିକରେ ସଡ଼କ ସୁରକ୍ଷା ବାର୍ତ୍ତା ଏବଂ ପ୍ରଶଂସାପତ୍ର / ସଡ଼କ ଦୁର୍ଘଟଣା ପୀଡିତଙ୍କ ପରିବାରର ଆବେଦନପତ୍ର ଲିଫଲେଟ୍, ପାମ୍ଫଲେଟ୍ ବଣ୍ଟନ କରିବ।



ଭୁବନେଶ୍ୱର : ଇଂରାଜୀ ନବବର୍ଷ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡାଙ୍କୁ 'ସମ୍ବାଦ କଳିକା' ପକ୍ଷରୁ ବରିଷ୍ଠ ପ୍ରତିନିଧି ବିବେକାନନ୍ଦ ଜେନା ଏବଂ ବାସୁଦେବ ବାରିକ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛନ୍ତି । (ଫଟୋ : ସମ୍ବାଦ କଳିକା)

## ନବବର୍ଷ ଅବସରରେ 'ସମ୍ବାଦ କଳିକା'ର ବାର୍ଷିକ ବୈଠକ

# କର୍ମଚାରୀଙ୍କ ସହଯୋଗରେ 'ସମ୍ବାଦ କଳିକା' ରାଜ୍ୟରେ ତା'ର ସ୍ଥିତି ଜାହିର ରଖିଛି





**ଭୁବନେଶ୍ୱର, ୧/୧ ନ୍ୟୁଜ ବ୍ୟୁରୋ**

କର୍ମଚାରୀମାନଙ୍କର ଏକତା-ସହଯୋଗ, ସମୟାନୁବର୍ତ୍ତିତା ତଥା ନିଷ୍ଠାପର କର୍ତ୍ତବ୍ୟ ସମ୍ପାଦନ ଯୋଗୁଁ ରାଜଧାନୀ ଭୁବନେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର 'ସମ୍ବାଦ କଳିକା' ସମ୍ପ୍ରତି ସାରା ରାଜ୍ୟରେ ଏକ ପ୍ରତିଷ୍ଠିତ ସମ୍ବାଦପତ୍ର ଭାବେ ତା'ର ସ୍ଥିତି ଜାହିର କରିବାରେ ସକ୍ଷମ ହୋଇପାରିଛି। ଆଗାମୀ ଦିନରେ ଏହି ଧାରା ବଜାୟ ରଖିବା ଲାଗି ଉଚ୍ଚମାନର ସମ୍ବାଦ ପରିବେଷଣ ସହ ଏହାକୁ ସର୍ବାଜନାଦୃତ କରିବା ପାଇଁ ନିଷ୍ଠା ଓ ଅଙ୍ଗୀକାରବଦ୍ଧତାର ସହ କାମ କରିବାକୁ ସମ୍ପାଦକ ଜୟାଶୀଷ ରାୟ ଗୁରୁତ୍ୱଆରୋପ କରିଛନ୍ତି।

ଇଂରାଜୀ ନବବର୍ଷ-୨୦୨୪ର ପ୍ରଥମ ଦିନ (ସୋମବାର) ପୂର୍ବାହ୍ନରେ 'ସମ୍ବାଦ କଳିକା' କାଯ୍ୟାଳୟ ପରିସରରେ ସମ୍ପାଦକ ଶ୍ରୀ ରାୟଙ୍କ ଅଧକ୍ଷତାରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ନବବର୍ଷ ଉପଲକ୍ଷେ ସମ୍ପାଦକ ଶ୍ରୀ ରାୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସମ୍ପାଦକ ଶ୍ରୀ ରାୟ ବର୍ତ୍ତମାନ ସମୟରେ କର୍ମଚାରୀମାନଙ୍କ ସହଯୋଗରେ 'ସମ୍ବାଦ କଳିକା' ସତ୍ୟ, ନିରପେକ୍ଷ ଓ ଗଠନ ମୂଳକ ସମ୍ବାଦ ପରିବେଷଣ ଜରିଆରେ ବିଭିନ୍ନ ମହଲରେ ଆଦୃତ ହୋଇପାରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଅଧିକ ନିଷ୍ଠାପର ଭାବେ କାମ କରି ଏହି ସମ୍ବାଦପତ୍ରକୁ ଉଚ୍ଚସ୍ଥାନକୁ ନେବା ଦିଗରେ ସକ୍ରିୟ ଭୂମିକା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, 'ସମ୍ବାଦ କଳିକା' ପ୍ରକାଶନ ସଂସ୍ଥା ଦ୍ୱାରା ଆହୁରି ୩ଟି ପତ୍ରିକା ଯଥା ରବିବାସରୀୟ କଳିକା, ସାପ୍ତାହିକ ସମ୍ବାଦପତ୍ର 'ଉତ୍କଳଦୀପିକା' ଏବଂ ମାସିକ ଗଳ୍ପ ପତ୍ରିକା 'କଥାକଳିକା' ନିୟମିତ ଭାବେ ପ୍ରକାଶ ପାଉଛି ଏବଂ ସାରା ଓଡ଼ିଶାରେ ଏହାର ସୁନାମ ମଧ୍ୟ ରହିଛି। ତେବେ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଯାଏଁ କୌଣସି ବିଜ୍ଞାପନ ସହାୟତା ମିଳିପାରି ନାହିଁ। ଏ ଦିଗରେ ରାଜ୍ୟ ସରକାରଙ୍କର ଦୃଷ୍ଟିଦେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ରାୟ କହିଥିଲେ।

ଏହି ଅବସରରେ ବାର୍ତ୍ତା ସମ୍ପାଦକ ଏସ୍.ଏ. କଲିମ୍, ବ୍ୟୁରୋଚିଫ୍ ଦୀନବନ୍ଧୁ ସାହୁ, ବରିଷ୍ଠ ପ୍ରତିନିଧି ବିବେକାନନ୍ଦ ଜେନା, ବରିଷ୍ଠ ସହ ସମ୍ପାଦିକା ଲକ୍ଷ୍ମୀଚାନ୍ଦ ପ୍ରମୁଖ ନବ ବର୍ଷ ଉପଲକ୍ଷେ ସମ୍ପାଦକ ଶ୍ରୀ ରାୟଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇବା ସହ 'ସମ୍ବାଦ କଳିକା'ର ସୁନାମବୃଦ୍ଧି ଦିଗରେ ସମସ୍ତପ୍ରକାର ସହଯୋଗ ଅବ୍ୟାହତ ରଖି କାର୍ଯ୍ୟ କରିବାକୁ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ 'ସମ୍ବାଦ କଳିକା'ର ଲୋପାମୁଦ୍ରା ଘଡାଇ, ଅନୀତା ପଟ୍ଟନାୟକ, ଜିତେନ୍ଦ୍ର ବେହେରା, ମଧୁସ୍ମିତା ବିଶ୍ୱାଳ, ଶରତ କୁମାର ସାହୁ, ମନୋଜ ମହାନ୍ତି, ବାବନ ସ୍ୱାଇଁ, ବାସୁଦେବ ବାରିକ, ସଦାନନ୍ଦ ରଣା, ଉମାକାନ୍ତ ଖୁଣ୍ଟିଆ, ସୁରେଶ ବେଦାନ୍ତ, ମିନାକ୍ଷୀ ବାରିକ, ସୁନନ୍ଦିନୀ ଘୋଷ, ଦିପ୍ତିମୟୀ ରାଉତ, ପ୍ରେମାନନ୍ଦ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ରାଜ୍ୟପାଳଙ୍କ ଦୁଃଖ ପ୍ରକାଶ

**ଭୁବନେଶ୍ୱର, ୧/୧ ନ୍ୟୁଜ ବ୍ୟୁରୋ**

ରାଜ୍ୟପାଳ ରଘୁବର ଦାସ ଝାଡଖଣ୍ଡର ଜାମସେଦପୁର ଠାରେ ହୋଇଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।




## ବରିଷ୍ଠ ନେତା ଦାମୋଦର ରାଉତଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହୃତ କଲେ ବିଜେଡି ସୁପ୍ରିମୋ



**ଭୁବନେଶ୍ୱର, ୧/୧ ନ୍ୟୁଜ ବ୍ୟୁରୋ**

ବରିଷ୍ଠ ନେତା ଦାମୋଦର ରାଉତଙ୍କ ଉପରୁ ବହିଷ୍କାର ଆଦେଶ ହଟିଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ନେତା ଦାମୋଦର ରାଉତଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହୃତ କରିଛନ୍ତି। ୨୦୧୮ରେ ବରିଷ୍ଠ ନେତା ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କୃତ କରାଯାଇଥିଲା।







ଏବେ ବଜାରରେ ଉପଲବ୍ଧ...

'କଥାକଳିକା' ଜାନୁଆରୀ -୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚିଦାନନ୍ଦ କର, ମୁଠାଏ ଆଶା-ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| ଯୋଗାଯୋଗ କରନ୍ତୁ | ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । |
|---|---|
| ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୬୮ E-mail: kathakalika@gmail.com | 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |